# ମେଗା ପ୍ରକଳ୍ପରେ ସାମିଲ ଦାବିରେ ରାଜପଥ ଅବରୋଧ

କଣିହାଁ,୩୦ ।୪(ସମିସ):



କଣିହାଁ ବ୍ଲକ ବଜ୍ରକୋଟ ପଞ୍ଚାୟତ ସହ ଦେନାଳି ଗ୍ରାମକୁ ମେଗା ଜଳସେଚନ ପ୍ରକଳ୍ପରେ ପୁନଃ ସାମିଲ ଦାବିରେ ବଜ୍ରକୋଟ ଠାରେ ୧୨ ଘଣ୍ଟିଆ ଜାତୀୟ ରାଜପଥ ଅବରୋଧ ସହ ଗ୍ରାମବାସୀଙ୍କ ପକ୍ଷରୁ ଧାରଣା ଦିଆଯାଇଥିଲା । ପ୍ରଶାସନର ପ୍ରତିଶ୍ରୁତି ପରେ ସନ୍ଧ୍ୟାରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି ।

ବଜ୍ରକୋଟ ଗ୍ରାମ ସଭାପତି ଅକ୍ଷୟ ବିଶିଙ୍କ ଆବାହକତ୍ୱରେ ବଜ୍ରକୋଟ ହାଟ ଛକରେ ମେଗା ଉଠା ଜଳସେଚନ ପ୍ରକଳ୍ପରୁ ବାଦ ପଡ଼ିଥିବା ୬ ଗ୍ରାମର ଚାଷୀ ଏକାଠି ହୋଇ ୧୨ ଘଣ୍ଟିଆ ୫୩ନଂ ଜାତୀୟ ରାଜପଥ ଅବରୋଧ କରି ଧାରଣା ଦେଇଥିଲେ। ଚାଷୀଙ୍କ ଅଭିଯୋଗ ଅନୁଯାୟୀ ରାଜ୍ୟ ସରକାର ୨୦୨୨ରେ ୨୩୯ କୋଟି ଟଙ୍କା ବ୍ୟୟ ଅଟକଳରେ ପାର୍ବତୀ ଗିରି ଯୋଜନାରେ ବଜ୍ରକୋଟ, ଦେନାଳି ଓ ରଞ୍ଜନା ନାମରେ ୩ଟି ମେଗା ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିଥିଲେ। ଏହି ଜଳସେଚନ ପ୍ରକଳ୍ପରେ ବଜ୍ରକୋଟ ପଞ୍ଚାୟତର ବଜ୍ରକୋଟ, ଡମଯୋଡ଼ି, ପାଣନାଳି, କେନ୍ଦୁବେରେଣି, ଖାଳପାଳ ଓ ରେଙ୍ଗାଳି ପଞ୍ଚାୟତର ଦେନାଳି ଗ୍ରାମର ଚାଷଜମି ଜଳସେଚନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ବଜ୍ରକୋଟ ପଞ୍ଚାୟତର ଗ୍ରାମଗୁଡ଼ିକ ସହ ଦେନାଳି ଗ୍ରାମ ପୂର୍ବରୁ ମେଗା ଜଳସେଚନ ପ୍ରକଳ୍ପର ଅଂଶ ଥିଲା । ପରେ ଏହି ଗ୍ରାମଗୁଡ଼ିକୁ ଚିଲାଣ୍ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପରେ ସାମିଲ କରାଯାଇଛି । ଏହି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ବର୍ଷ ସାରା ଶୁଖିଲା ପଡୁଥିଲା ବେଳେ କେବଳ ବର୍ଷା ଋତୁରେ ହିଁ ଜମିରେ ଜଳସେଚନ ସମ୍ଭବ ହେବ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ବଜ୍ରକୋଟ ଗ୍ରାମଠାରେ ବ୍ରାହ୍ମଣୀ ନଦୀରେ ମେଗା ଜଳ ପ୍ରକଳ୍ପ ନିର୍ମାଣ ହେଉଥିବା ବେଳେ ଏହି ପଞ୍ଚାୟତର ଗ୍ରାମଗୁଡ଼ିକୁ ଉକ୍ତ ପ୍ରକଳ୍ପରୁ ବାଦ ଦେବାକୁ ନେଇ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏହାକୁ ବିରୋଧ କରି ୬ ଗ୍ରାମର ପ୍ରଜା ପୁନଃ ମେଗା ଜଳସେଚନ ପ୍ରକଳ୍ପରେ ସାମିଲ ଦାବିକରି ଗୁରୁବାର ବଜ୍ରକୋଟ ଠାରେ ରାଜପଥ ଅବରୋଧ କରି ଧାରଣା ଦେଇଥିଲେ। ଆନ୍ଦୋଳନକୁ ସମର୍ଥନ ଜଣାଇ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ମୁକେଶ ପାଲ, କଣିହାଁ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ବିଜେଡି ବ୍ଲକ ସଭାପତି ପ୍ରଶାନ୍ତ ସାହୁ, ସରପଞ୍ଚ ପ୍ରଦୀପ ସାହୁ, ସମିତି ସଭ୍ୟ ସୀମାଞ୍ଚଳ ପଣ୍ଡା, ପାଲଲହଡ଼ା ନିର୍ବାଚନ ମଣ୍ଡଳୀ ସଂଯୋଜକ ସୁବାସ ମହାନ୍ତି, କଂଗ୍ରେସ ନେତା ସୁବ୍ରତ ଗଡ଼ନାୟକ, ସୁଶ୍ରୀ ବେହେରା ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ। ଆନ୍ଦୋଳନ ସ୍ଥଳରେ ତହସିଲଦାର ଚିନ୍ମୟ ଦାସ, ପାଲଲହଡ଼ା ଏସଡିପିଓ କୈଳାସ ଚନ୍ଦ୍ର ସେଠୀ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ। ଶେଷରେ ୧୫ ଦିନ ମଧ୍ୟରେ ଗ୍ରାମର ଏକ ପ୍ରତିନିଧି ମଣ୍ଡଳୀ ଓ ପ୍ରଶାସନ ମଧ୍ୟରେ ଆଲୋଚନା କରାଯାଇ ସମସ୍ୟା ସମାଧାନ ପାଇଁ ତହସିଲଦାର ପ୍ରତିଶ୍ରୁତି ଦେବାପରେ ସନ୍ଧ୍ୟାରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା ।

● ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲା

## ଦୋଷୀକୁ ୨୫ବର୍ଷ ସଶ୍ରମ କାରାଦଣ୍ଡ

ଅନୁଗୋଳ,୩୦ ।୪(ସମିସ): ଜଣେ ନାବାଳିକାଙ୍କୁ ଅପହରଣ ଓ ଦୁଷ୍କର୍ମ ମାମଲାରେ ଗୁରୁବାର ଅନୁଗୋଳ ଆଡ୍‌ହକ ଏଡିଜେ ତଥା ଫାଷ୍ଟଟ୍ରାକ କୋର୍ଟ ଦୋଷୀକୁ ୨୫ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ୫୦ ହଜାର ଟଙ୍କା ଜରିମାନା ଆଦେଶ କରିଛନ୍ତି । ଜରିମାନା ଅନାଦେୟ ଅଧିକ ଏକ ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି । ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ପ୍ରଦାନ କରିବା ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଦୋଷୀ ସାବ୍ୟସ୍ତ ବ୍ୟକ୍ତି ହେଲେ ଅନୁଗୋଳ ସଦର ଥାନା ବେନ୍ତପୁର ମୁଣ୍ଡହତା ଗ୍ରାମର ଦଣ୍ଡଧର ନାଏକ (୪୦) ।

ମାମଲାର ବିବରଣୀ ଅନୁଯାୟୀ, ୨୦୨୪ ନଭେମ୍ବର ୨ ତାରିଖ ସନ୍ଧ୍ୟାରେ ନାବାଳିକା ଜଣକ ନିଖୋଜ ହୋଇଯାଇଥିଲେ। ଦଣ୍ଡଧର ତାଙ୍କୁ ଅପହରଣ କରି ନେଇଥିବା ନାବାଳିକାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁକରି ଘଟଣା ତଦନ୍ତ ଚଳାଇଥିଲା। ପରେ ଦଣ୍ଡଧରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ନାବାଳିକାଙ୍କୁ ଉଦ୍ଧାର କରିଥିଲା । ଗୁରୁବାର ଏହି ମାମଲାର ରାୟ ପ୍ରକାଶ ପାଇଛି । ୮ ଜଣ ସାକ୍ଷୀଙ୍କ ବୟାନ ଓ ସମସ୍ତ ପ୍ରମାଣ ଆଧାରରେ ଫାଷ୍ଟଟ୍ରାକ କୋର୍ଟ ବିଚାରପତି ବିରଞ୍ଚି ନାରାୟଣ ମିଶ୍ର ଦଣ୍ଡଧରଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡାଦେଶ ପ୍ରଦାନ କରିଛନ୍ତି । ସରକାରଙ୍କ ପକ୍ଷରୁ ଆଇନଜୀବୀ ପ୍ରଶାନ୍ତ କୁମାର ରଥ ଏହି ମାମଲା ପରିଚାଳନା କରୁଥିଲେ ।

## ଅନୁଗୋଳ କଲେଜ୍ ଓ ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ ମଧ୍ୟରେ ବୁଝାମଣା




ଅନୁଗୋଳ,୩୦ ।୪(ସମିସ): ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ଭୁବନେଶ୍ୱର ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ବସନ୍ତ କୁମାର ସାହୁ ଏହାକୁ ଉଦଘାଟନ କରି ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ଅଧ୍ୟକ୍ଷ ଡ. ସାହୁ ସେଞ୍ଚୁରୀୟନ ବିଶ୍ୱବିଦ୍ୟାଳୟ ପକ୍ଷରୁ ଉପସ୍ଥିତ ସମସ୍ତ ପ୍ରଫେସରଙ୍କୁ ସ୍ୱାଗତ କରିଥିଲେ। ମହାବିଦ୍ୟାଳୟର ବରିଷ୍ଠ ପ୍ରାଧ୍ୟାପିକା ତଥା ମୁଖ୍ୟ ଶୈକ୍ଷିକ ଅଧିକାରୀ ପ୍ରଫେସର ସୁଲଗ୍ନା ଚୌଧୁରୀ, ବରିଷ୍ଠ ପ୍ରାଧ୍ୟାପକ ତଥା ମୁଖ୍ୟ ବିତ୍ତ ଅଧିକାରୀ ପ୍ରଫେସର ନାରାୟଣ ନାୟକ, ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟର ପ୍ରାୟୋଗିକ ବିଜ୍ଞାନ ଶାଖା ତଥା ଉଦ୍ଭିଦ ବିଜ୍ଞାନ ବିଭାଗର ଏମେରିଟସ ପ୍ରଫେସର କୁଞ୍ଜବିହାରୀ ଶତପଥୀ, ପ୍ରାୟୋଗିକ ବିଜ୍ଞାନ ଶାଖାର ନିର୍ଦ୍ଦେଶକ ପ୍ରଫେସର ସୁଶାନ୍ତ କୁମାର ବିଶ୍ୱାଳ, ସହଯୋଗୀ ଡିନ ତଥା ପ୍ରାଣୀବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ଗଗନ କୁମାର ପାଣିଗ୍ରାହୀ ମଞ୍ଚାସୀନ ଥିଲେ । ପ୍ରଫେସର ସାହୁ ସ୍ୱାଗତ ସମ୍ଭାଷଣ ରଖିବା ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ । ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହେଲେ ଶିକ୍ଷା, ଗବେଷଣା ଓ ଉଚ୍ଚଶିକ୍ଷା ଓ ଦକ୍ଷତା ବୃଦ୍ଧି କ୍ଷେତ୍ରରେ ନୂତନ ଅଧ୍ୟାୟ ସୃଷ୍ଟି ହେବ ବୋଲି ଅତିଥିମାନେ କହିଥିଲେ । କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅନ୍ୟତମ ଶୈକ୍ଷିକ ଅଧିକାରୀ ଗଣିତ ବିଭାଗ ମୁଖ୍ୟ ଡ. ସ୍ମିତା ତପସ୍ୱିନୀ, ବାଣିଜ୍ୟ ବିଭାଗ ମୁଖ୍ୟା ଡ. ସୁଜ୍ଞାନୀ ରଥ, ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ସରିତା ପାଣି ଉପସ୍ଥିତ ଥିଲେ। ପରେ ଉଭୟ ଶିକ୍ଷାନୁଷ୍ଠାନ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା । ଡ. ସୁଜ୍ଞାନୀ ରଥ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମର ଆବାହକ ତଥା ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗ ମୁଖ୍ୟ ଡ. ଗୌରୀଶଙ୍କର ଯୁଗପ୍ରକାଶ ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

## ସାମ୍ବାଦିକଙ୍କ ଭ୍ରାତୃ ବିୟୋଗ

ତାଳଚେର,୩୦ ।୪(ସମିସ): ତାଳଚେର ପୌରପରିଷଦ ଅନ୍ତର୍ଗତ ୩ନମ୍ବର ୱାର୍ଡର 'ସକାଳ' ପ୍ରତିନିଧି ତ୍ରିଲୋଚନ ସ୍ୱାଇଁଙ୍କ ଭାଇ ରୂପେଲି ସ୍ୱାଇଁ (୩୪)ଙ୍କ ପରଲୋକ ଘଟିଛି। ବୁଧବାର ରାତିରେ ସେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ପରେ ତାଙ୍କ ଦେହାନ୍ତ ହୋଇଥିବା ପରିବାର ସୂତ୍ରରୁ ଜଣାପଡ଼ିଛି। ରୂପେଲି ଜଣେ ମିଷ୍ଟଭାଷୀ, ପରୋପକାରୀ, ଧର୍ମପରାୟଣ, ମେଳାପୀ ଓ ସହୃଦୟ ବ୍ୟକ୍ତି ଥିଲେ। ତାଙ୍କ ଦେହାନ୍ତରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ପୂର୍ବତନ ସାଂସଦ ମହେଶ ସାହୁ, ତାଳଚେର ନଗରପାଳ ପବିତ୍ର ଭୁଟିଆଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବାସଭବନରେ ପହଞ୍ଚି ତାଙ୍କ ଶେଷଦର୍ଶନ କରିଛନ୍ତି । ମଣ୍ଡାପାଳସ୍ଥିତ ଶାନ୍ତିଧାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।



■ ଅନୁଗୋଳ ଜିଲ୍ଲାରେ ଶିକ୍ଷା କ୍ଷେତ୍ରରେ ନୂତନ ପଦକ୍ଷେପ

## ଅଭିଭାବକଙ୍କୁ ମିଳିଲା ବିଦ୍ୟାଳୟ ଶିକ୍ଷାଦାନ ରିପୋର୍ଟ କାର୍ଡ

ଅନୁଗୋଳ,୩୦ ।୪(ସମିସ): ଏପ୍ରିଲ ୨୨ ତାରିଖ ଜିଲ୍ଲାର ୮ ବ୍ଲକରେ ଥିବା ୧୩୬୨ ସରକାରୀ ବିଦ୍ୟାଳୟର ପଞ୍ଚମ ଓ ଅଷ୍ଟମ ଶ୍ରେଣୀର ପ୍ରାୟ ୩୦ ହଜାର ଛାତ୍ରଛାତ୍ରୀଙ୍କୁ ନେଇ ପ୍ରସ୍ତୁତ ବିଦ୍ୟାଳୟ ଶିକ୍ଷାଦାନ ରିପୋର୍ଟ କାର୍ଡକୁ ଗୋଟିଏ ଦିନରେ ଏକକାଳୀନ ପ୍ରଦାନ କରାଯାଇଛି। ସାଧାରଣତଃ ଅଭିଭାବକମାନେ କେବଳ ନିଜ ପିଲାର ମାର୍କ ବିଷୟରେ ଅବଗତ ହୋଇଥାନ୍ତି। କିନ୍ତୁ ଏହା ବିଦ୍ୟାଳୟର ସାମଗ୍ରିକ ଶିକ୍ଷାଦାନର ମାନ ସମ୍ପର୍କରେ ସ୍ପଷ୍ଟ ସୂଚନା ଦେଇ ନ ଥାଏ । ନୂତନ ଭାବେ ପ୍ରଚଳିତ ଏହି 'ସ୍କୁଲ ରିପୋର୍ଟ କାର୍ଡ' ଏହି ସମସ୍ୟାକୁ ଦୂର କରିଛି। ଏହା ମାଧ୍ୟମରେ ବିଦ୍ୟାଳୟର ସାମଗ୍ରିକ ପ୍ରଦର୍ଶନ ଏବଂ ବ୍ଲକର ଅନ୍ୟ ସ୍କୁଲ ତୁଳନାରେ ଏହାର ସ୍ଥିତି ସମ୍ପର୍କରେ ଏକ ସରଳ ଚିତ୍ର ଉପସ୍ଥାପନ କରାଯାଇଛି।

ଏହି ରିପୋର୍ଟ କାର୍ଡ ଜିଲ୍ଲା ଦ୍ୱାରା ପରିଚାଳିତ ଦକ୍ଷତାଭିତ୍ତିକ ଆକଳନ 'ସକ୍ଷମ' ଉପରେ ଆଧାରିତ। ପାରମ୍ପରିକ ପରୀକ୍ଷା ପଦ୍ଧତି ପରିବର୍ତ୍ତେ 'ସକ୍ଷମ' ମାଧ୍ୟମରେ ପିଲାମାନେ ଓଡ଼ିଆ, ଇଂରାଜୀ, ଗଣିତ, ପରିବେଶ ବିଜ୍ଞାନ ଏବଂ ବିଜ୍ଞାନ ବିଷୟର ମୌଳିକ ଧାରଣାକୁ କେତେଦୂର ବୁଝିଛନ୍ତି, ତାହାର

### ୧୩୬୨ ବିଦ୍ୟାଳୟର ଆକଳନ ଶେଷ

ପରୀକ୍ଷଣ କରାଯାଇଥାଏ। ଜାତୀୟ ଶିକ୍ଷାନୀତି-୨୦୨୦ର ଲକ୍ଷ୍ୟ ଅନୁଯାୟୀ ବାସ୍ତବ ବୁଝାମଣା ଉପରେ ଗୁରୁତ୍ୱ ଦେଇଥାଏ। ଜିଲ୍ଲାର ୮ ବ୍ଲକ ମଧ୍ୟରେ କଣିହାଁ (୭୨.୧ ପ୍ରତିଶତ) ପ୍ରଥମ ସ୍ଥାନରେ ରହିଛି। ସେହିଭଳି କିଶୋରନଗରର ଜାମୁନାଳି ସରକାରୀ ପ୍ରାଥମିକ ବିଦ୍ୟାଳୟ ୯୭.୧ ପ୍ରତିଶତ ସ୍କୋର ସହ ଶୀର୍ଷରେ ରହିଛି। ବାଘବାସପୁର ପିପିଏସ୍, ବଣ୍ଡଆସାହି ପ୍ରାଥମିକ ବିଦ୍ୟାଳୟ ଓ ମୁଣ୍ଡିଆସାହି ପ୍ରାଥମିକ ବିଦ୍ୟାଳୟ ମଧ୍ୟ ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି। ତଥ୍ୟ ଅନୁଯାୟୀ, ସହରାଞ୍ଚଳ ତୁଳନାରେ ଗ୍ରାମାଞ୍ଚଳର ବିଦ୍ୟାଳୟଗୁଡ଼ିକ ଭଲ ପ୍ରଦର୍ଶନ କରିଛନ୍ତି। ଜିଲ୍ଲାର ଶ୍ରେଷ୍ଠ ୬ ବିଦ୍ୟାଳୟ ଗ୍ରାମାଞ୍ଚଳରେ ଅବସ୍ଥିତ। ବିଦ୍ୟାଳୟର ତଥ୍ୟ ସିଧାସଳଖ ଅଭିଭାବକଙ୍କ ପାଖରେ ପହଞ୍ଚାଇବା ଦ୍ୱାରା ଶିକ୍ଷା ବ୍ୟବସ୍ଥାରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ବୃଦ୍ଧି ପାଇବ। ଏହାଦ୍ୱାରା ଅଭିଭାବକମାନେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଶିକ୍ଷାର ମାନ ସମ୍ପର୍କରେ ଅଧିକ ସୂଚନାପୂର୍ଣ୍ଣ ପ୍ରଶ୍ନ ପଚାରିପାରିବେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ପ୍ରକ୍ରିୟାକୁ ପ୍ରତିବର୍ଷ କରିବାକୁ ନିଷ୍ପତ୍ତି ନିଆଯାଇଛି। ସେହିଭଳି ସ୍କୁଲ ସ୍ତରରେ ଶିକ୍ଷାଦାନର ସଫଳତାକୁ ଅଭିଭାବକଙ୍କ ନିକଟରେ ପହଞ୍ଚାଇବାରେ ଅନୁଗୋଳ ଦେଶର ଅଗ୍ରଣୀ ଜିଲ୍ଲା ଭାବେ ଉଭା ହୋଇଛି ।

ବିଭିନ୍ନ ସ୍ଥାନରେ କାଳବୈଶାଖୀର ତାଣ୍ଡବ

# ଉପୁଡ଼ିଲା ଗଛ, ଉଡ଼ିଗଲା ଟିଣ ଛାତ





ଅନୁଗୋଳ,୩୦ ।୪(ସମିସ): ଗୁରୁବାର ଅପରାହ୍ନ ପ୍ରାୟ ସାଢ଼େ ୪ଟାରେ ହଠାତ୍ କାଳବୈଶାଖୀ ପ୍ରଭାବରେ ସହରର ବହୁ ସ୍ଥାନରେ ଗଛ ଉପୁଡ଼ି ରାସ୍ତା ଅବରୋଧ ହୋଇଥିଲା । ୫୫ ନମ୍ବର ଜାତୀୟ ରାଜପଥର ହୋଟେଲ ଦୁର୍ଗା ନିକଟରେ ଗଛ ଉପୁଡ଼ିବା ଫଳରେ ରାସ୍ତା ଅବରୋଧ ହୋଇଥିଲା । ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ, ଅମଲାପଡ଼ାରୁ ଶିକ୍ଷକପଡ଼ା ରାସ୍ତାରେ ଗଛଡାଳ ଭାଙ୍ଗି ରାସ୍ତା ଅବରୋଧ ହୋଇଥିଲା । ଅମଲାପଡ଼ାସ୍ଥିତ ବନ ବିଭାଗ କ୍ୱାର୍ଟର୍ସର ଟିଣ ଛାତ ଉଡ଼ିଯାଇ କୋଡ଼ିଏ ଫୁଟ ଦୂରରେ ପଡ଼ିଥିଲା । ତେବେ ଏଥିରେ କେହି ଆହତ ହୋଇନାହାନ୍ତି । ସେହିପରି ବହୁ କୋଠାରେ ଲାଗିଥିବା ବିଜ୍ଞାପନ ଫଳକ ଭାଙ୍ଗି ତଳେ ଖସି ପଡ଼ିଥିଲା । ୨୦ ମିନିଟ୍ ଧରି ପ୍ରକୃତିର ଏହି ତାଣ୍ଡବ ଲାଗି ରହିଥିବା ବେଳେ ବିଳମ୍ବିତ ରାତି ସୁଦ୍ଧା ସହରର ସବୁ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ସ୍ୱାଭାବିକ ହୋଇପାରିନାହିଁ । ପ୍ରଶାସନ ପକ୍ଷରୁ ଜେସିବି ଲଗାଯାଇ ଗଛ ଓ ଡାଳଗୁଡ଼ିକୁ ରାସ୍ତାରୁ ହଟାଯାଉଛି ।

**କିଶୋରନଗର:** ହଠାତ୍ କାଳବୈଶାଖୀର ପ୍ରକୋପରେ ଅସ୍ତବ୍ୟସ୍ତ ହୋଇପଡ଼ିଛି ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ଖୋଲପଦା ଅଞ୍ଚଳ। ଗୁରୁବାର ସନ୍ଧ୍ୟାରେ ଆକାଶରେ ହଠାତ୍ କଳାବାଦଲ ଡାକିଁ ପ୍ରବଳ ପବନ ସହ



ମୁଷଳଧାରାରେ ବର୍ଷା ଆରମ୍ଭ ହୋଇଥିଲା। କିଛି ସ୍ଥାନରେ ୫୦ରୁ ୬୦ କିମି ବେଗରେ ପବନ ବହିବା ସହ ବଜ୍ରପାତ ହୋଇଥିଲା। ପ୍ରବଳ ବର୍ଷା ଯୋଗୁଁ ରାସ୍ତାଘାଟ ଜଳମଗ୍ନ ହୋଇପଡ଼ିଥିବାବେଳେ ଅନେକ ସ୍ଥାନରେ ଗଛ ଡାଳ ଭାଙ୍ଗି ରାସ୍ତା ଉପରେ ପଡ଼ି ରହିଛି। ବିଦ୍ୟୁତ୍ ସରବରାହ ମଧ୍ୟ ବାଧାପ୍ରାପ୍ତ ହୋଇଥିବାରୁ ସନ୍ଧ୍ୟାରେ ଲୋକେ ବହୁ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଯାତାୟାତ ମଧ୍ୟ କିଛି ସମୟ ପାଇଁ ଠପ୍ ହୋଇଯାଇଥିଲା। କାଳବୈଶାଖୀ ଯୋଗୁଁ ଗୋଟିଏ ପଟେ ପ୍ରଚଣ୍ଡ ତାତିରୁ ସାମୟିକ ଆଶ୍ୱସ୍ତି ମିଳିଥିବାବେଳେ ଅନ୍ୟପଟେ ପବନ ଓ ବର୍ଷାରେ ଆମ୍ବ, ପଣସ ଓ ପରିବା ଫସଲ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି।

**ବଇଣ୍ଡା:** କିଶୋରନଗର ବ୍ଲକ ବଇଣ୍ଡା ତଥା ଏହାର ଆଖପାଖ ଅଞ୍ଚଳରେ ଗୁରୁବାର ଅପରାହ୍ନ ୪ଟାରେ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି । ପ୍ରବଳ ପବନ ସାଙ୍ଗକୁ ବର୍ଷା ହୋଇଥିବା ବେଳେ ବ୍ୟାପକ ଘର ନଷ୍ଟ ହୋଇଛି । ଅନେକ ଆଜବେଷ୍ଟସ, ଚାଳ ଛପର ଉଡ଼ିଯାଇଥିବା ବେଳେ ବହୁ ଗଛ ଉପୁଡ଼ି ବିଭିନ୍ନ ରାସ୍ତା ଅବରୋଧ ହୋଇଛି । ଅନ୍ୟପଟେ ଅନେକ ଉଠା ଦୋକାନୀଙ୍କ ଆଜବେଷ୍ଟସ ଉଡ଼ିଯିବା ସହ ଭାଙ୍ଗିଯାଇଛି। ସେମାନଙ୍କ ଆଜବେଷ୍ଟସକୁ



କିଛି ଯୁବକ ନେଇ ଯାଇଥିବା ବେଳେ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ବିଦ୍ୟୁତ ତାର ଛିଣ୍ଡି ପଡ଼ିଥିବାରୁ ବିଦ୍ୟୁତ ସରବରାହ ବନ୍ଦ ରହିଛି। ବ୍ୟାପକ ପନିପରିବା ଫସଲ ମଧ୍ୟ ନଷ୍ଟ ହୋଇଛି । ତୁରନ୍ତ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଯୋଗାଇଦେବା ପାଇଁ ସାଧାରଣରେ ଦାବି ହୋଇଛି ।

## ପାରା ମେଡିକାଲ କଲେଜ ପାଇଁ ଭୂମିପୂଜା

କିଶୋରନଗର,୩୦ ।୪(ସମିସ): ବଇଣ୍ଡା ଛକ ହାଟପଡ଼ିଆରେ ପାରା ମେଡିକାଲ୍ କଲେଜ୍ ପ୍ରତିଷ୍ଠା ପାଇଁ ବୁଧବାର ଭୂମିପୂଜା ହୋଇଛି। ଏହି କଲେଜ୍ ଭୁବନେଶ୍ୱର ଡିଭାଇନ୍ କଲେଜ୍ ଅଫ୍ ହେଲ୍‌ଥ ସାଇନ୍ସର ଶାଖା । କଲେଜ୍‌ରେ +୨ ପାସ୍ କରିଥିବା କଳା ବା ବିଜ୍ଞାନ ଛାତ୍ରଛାତ୍ରୀ ତାଲିମ୍ ନେଇ ବୃତ୍ତି କ୍ଷେତ୍ରରେ ନିଜକୁ ଯୋଗ୍ୟ ଭାବେ ଗଢ଼ିପାରିବେ। ଏହାର ସଂଯୁକ୍ତ ସତ୍ତ୍ୱାଧିକାରୀ ଡ. ଦୀପିକା ମିଶ୍ର ଓ ଅରୁଣ କୁମାର ଦାଶ ପୁରୋହିତ ପ୍ରକାଶ ମିଶ୍ରଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇ ଆନୁଷ୍ଠାନିକ ଭାବେ ଏହାର ଶୁଭାରମ୍ଭ କରିଛନ୍ତି । ଏହି ଉତ୍ସବରେ ନିରଞ୍ଜନ ଦାଶ, କୃଷ୍ଣଚନ୍ଦ୍ର ପ୍ରଧାନ, ବିଜୟ ଚନ୍ଦ୍ର ତ୍ରିପାଠୀ, ଘନଶ୍ୟାମ ସାହୁ, ଗଣପତି ସ୍ୱାଇଁ, ନିତ୍ୟାନନ୍ଦ ବାରିକ, ଅନ୍ତର୍ଯ୍ୟାମୀ ପାତ୍ର, ଗିରୀଶ ଚନ୍ଦ୍ର ବେହେରା, ରଞ୍ଜିତା ମିଶ୍ର, ପଙ୍କଜିନୀ ମିଶ୍ର, ଡ. ରମେଶ ଚନ୍ଦ୍ର ମିଶ୍ର, ବୃନ୍ଦାବନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



## ନିର୍ଦ୍ଦେଶ ନ ମାନିବାରୁ ଏନଏସି ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ

ଅନୁଗୋଳ,୩୦ ।୪(ସମିସ):ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଏନଏସି ଅଧୀନରେ କାର୍ଯ୍ୟରତ ଅବସ୍ଥାରେ ଟାକ୍ସ କଲେକ୍ଟର ଦିଲୀପ କୁମାର ସିଂହଙ୍କ ମୃତ୍ୟୁ ହୋଇଥିଲା। ପରବର୍ତ୍ତୀ ସମୟରେ ପୁନର୍ବାସ ସହାୟତା ଯୋଜନାରେ ନିଯୁକ୍ତି ନେଇ ତାଙ୍କ ପରିବାର ପକ୍ଷରୁ ଆବେଦନ କରାଯାଇଥିଲା। ପୌର ନିର୍ଦ୍ଦେଶକଙ୍କ ଆଦେଶ କ୍ରମେ ୨୦୨୬ ମାର୍ଚ୍ଚ ୩୧ରେ ରାଜ୍ୟର ବିଭିନ୍ନ ମହାନଗରନିଗମ, ପୌରାଞ୍ଚଳ

### ଅନୁଗୋଳରେ ନିଯୁକ୍ତି ପାଇଲେ ରଶ୍ମିରଞ୍ଜନ



ଏବଂ ଏନଏସିଗୁଡ଼ିକରେ ଥିବା ଏପରି ମାମଲାରେ ତୁରନ୍ତ ନିଯୁକ୍ତି ପାଇଁ ତାଲିକା ପ୍ରକାଶ ପାଇଥିଲା । ଏପରିକି ତିନିଦିନ ମଧ୍ୟରେ ସେମାନଙ୍କ ସମସ୍ତ ଦସ୍ତାବିଜ ଯାଞ୍ଚ କରି ନିଯୁକ୍ତି ଦେବା ପାଇଁ ଚିଠିରେ ଉଲ୍ଲେଖ ଥିଲା । ତେବେ ମୃତ ଦିଲୀପଙ୍କ ପୁଅ ରଶ୍ମିରଞ୍ଜନ ସିଂହ ନିଜ ସମସ୍ତ ଦସ୍ତାବିଜ ଆଠମଲ୍ଲିକ ଏନଏସି ଅଧିକାରୀଙ୍କ ନିକଟରେ ଦାଖଲ କରିବା ପରେ ମଧ ସେ ଉକ୍ତ ଦସ୍ତାବିଜଗୁଡ଼ିକୁ ଗ୍ରହଣ କରି ନ ଥିଲେ। ଓଲଟା ତାଙ୍କ ମାଆଙ୍କ ସ୍ୱାସ୍ଥ୍ୟଗତ ଭାବେ ଅଯୋଗ୍ୟ ପ୍ରମାଣପତ୍ର ମାଗିଥିଲେ। ଯାହାର କୌଣସି ଆବଶ୍ୟକତା ନାହିଁ ବୋଲି ପୌର ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ କହିଛନ୍ତି। ଏହା ଓଡ଼ିଶା ସରକାରୀ କର୍ମଚାରୀ ଆଚରଣବିଧି ୧୯୫୯ର ନିୟମ ୩ ଓ ୪ର ସ୍ପଷ୍ଟ ଉଲ୍ଲଂଘନ । ଆସନ୍ତା ୩ ଦିନ ମଧ୍ୟରେ ନିଯୁକ୍ତିପତ୍ର ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ନଚେତ୍ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଥିଲେ। ଏହା ସତ୍ତ୍ୱେ କୌଣସି ପଦକ୍ଷେପ ନ ନେବାରୁ ରଶ୍ମିରଞ୍ଜନ ପୁଣି ଥରେ ପୌର ନିର୍ଦ୍ଦେଶକଙ୍କ ଦ୍ୱାରସ୍ଥ ହୋଇଥିଲେ। ଗତ ୨୮ ତାରିଖ ଅନୁଗୋଳ ପୌରପାଳିକାକୁ ପୌର ନିର୍ଦ୍ଦେଶକ ଚିଠି କରି ରଶ୍ମିରଞ୍ଜନଙ୍କୁ ଅନୁଗୋଳ ପୌରପାଳିକାରେ ତିନିଦିନ ମଧ୍ୟରେ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଅନୁଗୋଳ ପୌର ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ ରଶ୍ମିରଞ୍ଜନଙ୍କୁ ଯୋଗାଯୋଗ କରିବା ସହ ସମସ୍ତ ଦସ୍ତାବିଜ କାମ ସାରି ଗୁରୁବାର ତାଙ୍କୁ ଅନୁଗୋଳ ପୌରପାଳିକାରେ ନିଯୁକ୍ତି ପ୍ରଦାନ କରିଛନ୍ତି। ଅନ୍ୟପଟେ ଆଠମଲ୍ଲିକ ଏନଏଏସି ନିର୍ବାହୀ ଅଧିକାରୀଙ୍କୁ ଏ ନେଇ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି। ଜାଣିଶୁଣି ରଶ୍ମିରଞ୍ଜନଙ୍କୁ ହଇରାଣ କରିଥିବାରୁ ତାଙ୍କ ବିରୋଧରେ ସରକାର ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

## ବିଜେପିର ପଞ୍ଚାୟତସ୍ତରୀୟ ବୈଠକ



କିଶୋରନଗର,୩୦ ।୪(ସମିସ): କିଶୋରନଗର ବ୍ଲକ ରଣିଆକଟା ପଞ୍ଚାୟତ ବିଜେପିର ବୈଠକ ବୁଧବାର ରାଇବାହାଲ ବ୍ରିଜ ନିକଟ ଆମ୍ବତୋଟାରେ ମଣ୍ଡଳ ସଭାପତି ଧନୁର୍ଜୟ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ନୂଆ କୁମୁରସିଙ୍ଗାର ପ୍ରହ୍ଲାଦ ସାହୁ, ସମ୍ପାଦକ ଭାବେ ଝାମ୍ପୁଲୀର ଅଶୋକ ପ୍ରଧାନଙ୍କୁ ମନୋନୀତ କରାଯାଇଛି। ଏଥିସହ ସଦସ୍ୟ ଭାବେ ସୁରେନ୍ଦ୍ର ପ୍ରଧାନ, ଶରତ ଦାସ, ପ୍ରମୋଦ ବିଶ୍ୱାଳ, ଅଜିତ ପଟ୍ଟନାୟକ, ଅଖିଳ ପ୍ରଧାନଙ୍କୁ ଚୟନ କରାଯାଇଛି। ଏଥିରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ପ୍ରତିନିଧି ସରୋଜ ସାହୁଙ୍କ ସମେତ ପଞ୍ଚାୟତର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

ଅନୁଗୋଳ ଓକିଲ ସଂଘ ପକ୍ଷରୁ ଆଇନଜୀବୀ ଦିବସ ପାଳିତ

# ମଧୁବାବୁ ଓଡ଼ିଆ ଜାତିର ସ୍ୱାଭିମାନର ପ୍ରତୀକ: ଜଷ୍ଟିସ ମିଶ୍ର

ଅନୁଗୋଳ,୩୦ ।୪(ସମିସ):

ଅନୁଗୋଳ ଓକିଲ ସଂଘ ପକ୍ଷରୁ ମଧୁବାବୁ ଜୟନ୍ତୀ ଓ ଆଇନଜୀବୀ ଦିବସ ସ୍ଥାନୀୟ ସଭାଗୃହରେ ପାଳିତ ହୋଇଛି। ସଂଘ ସଭାପତି ଦିଲୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ନ୍ୟାୟାଧୀଶ ଶଶିକାନ୍ତ ମିଶ୍ର ଯୋଗଦେଇ ମଧୁବାବୁଙ୍କ ଜୀବନୀ, ଆଦର୍ଶ, ଓଡ଼ିଆଙ୍କ ପ୍ରତି ତାଙ୍କ ଶ୍ରଦ୍ଧା ଓ ସମ୍ମାନ ବିଷୟରେ ବର୍ଣ୍ଣନା କରିଥିଲେ। ତାଙ୍କ ତ୍ୟାଗ, ନିଷ୍ଠା ଓ ସାଧନା ଯୋଗୁଁ ଆଜି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହୋଇପାରିଛି ବୋଲି ସେ ମତବ୍ୟକ୍ତ କରିଥିଲେ । ମଧୁବାବୁ ଓଡ଼ିଆ ଜାତିର ସ୍ୱାଭିମାନର ପ୍ରତୀକ ଥିଲେ ବୋଲି କହିଥିଲେ।

ମୁଖ୍ୟବକ୍ତା ଭାବେ ଭୁବନେଶ୍ୱର କିଟ୍ ଆଇନ ମହାବିଦ୍ୟାଳୟର ସହକାରୀ ପ୍ରଫେସର ସର୍ବେସ ଶାହୀ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଦୌରାଜଜ୍ ନିରଞ୍ଜନ ପଣ୍ଡା ଯୋଗଦେଇ ମଧୁବାବୁଙ୍କ ଜୀବନୀ ଓ ଆଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ଓକିଲ ସଂଘ ସାଧାରଣ ସମ୍ପାଦକ ନିରୋଦ କୁମାର ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଉପସଭାପତି ପ୍ରଦୀପ ଚନ୍ଦ୍ର ପ୍ରଧାନ, ସହ ସମ୍ପାଦକ ପ୍ରଭୁପ୍ରସାଦ ପ୍ରଧାନ, ସାଂସ୍କୃତିକ ସମ୍ପାଦିକା ଜ୍ୟୋତ୍ସ୍ନାମୟୀ ସାହୁ, କୋଷାଧ୍ୟକ୍ଷ ପ୍ରଦୀପ ସେଠୀଙ୍କ ସମେତ ଓକିଲ ସଂଘର ସଦସ୍ୟମାନେ ଉପସ୍ଥିତ ଥିଲେ। ଆଇନଜୀବୀ ସଞ୍ଜୟ କୁମାର ସାହୁ ସଭା ସଞ୍ଚାଳନ କରିଥିଲେ। ଏହି ଅବସରରେ ସମ୍ବଲପୁରୀ ନୃତ୍ୟ, ସଙ୍ଗୀତ ପରିବେଷଣ କରାଯାଇଥିଲା। ସଂଘ ସଦସ୍ୟଙ୍କ ଦ୍ୱାରା ନାଟକ ବାପା ହଜିଗଲେ ମଞ୍ଚସ୍ଥ ହୋଇଥିଲା। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ, ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଆଇନଜୀବୀ ସୁଦାମ ଚରଣ ସାହୁ, ମାନସ କୁମାର ପ୍ରଧାନ, ସୁଶାନ୍ତ କୁମାର ମହାପାତ୍ରଙ୍କ ସମେତ ଆଠମଲ୍ଲିକ, ତାଳଚେର, ପାଲଲହଡ଼ା ଓ ଛେଣ୍ଡିପଦା ଓକିଲ ସଂଘର କାର୍ଯ୍ୟକର୍ତ୍ତାଙ୍କୁ ମୁଖ୍ୟଅତିଥି ଜଷ୍ଟିସ ମିଶ୍ର ସମ୍ବର୍ଦ୍ଧିତ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥି ଟ୍ରଫି ସହ ମାନପତ୍ର ପ୍ରଦାନ କରିଥିଲେ। ସଂଘ ଉପସଭାପତି ପ୍ରଦୀପ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ବରିଷ୍ଠ ଆଇନଜୀବୀ ସୁବାସ ମିଶ୍ର, ଦୁର୍ଗାଶଙ୍କର ମିଶ୍ର, ଭାସ୍କର ବେହେରା, ବସନ୍ତ ଦାସ, ସୁବାସ ସାହୁ, ମହେନ୍ଦ୍ର ବସ୍ତିଆ, ପ୍ରଦୀପ ଦେବତା, ଜିତେନ୍ଦ୍ର ସାହୁ, ରମେଶ ସାହୁ, ସୁଶୀଲ ପ୍ରଧାନ, ବିଭୂତି ଦାଶ, ସଞ୍ଜୟ ମହାପାତ୍ର, ରଜତ ଦାଶ, ବିପିନ ସାହୁ, ମମତା ପଟ୍ଟନାୟକ, ମମତା ପ୍ରଧାନ, ମମତା ମହାପାତ୍ର, ବେନଜିର ଷଡ଼ଙ୍ଗୀ, ଶ୍ରିୟଙ୍କା ପ୍ରିୟଦର୍ଶିନୀ ନନ୍ଦ ପ୍ରମୁଖ ସହଯୋଗ କରିଥିଲେ।






### ଅନୁଗୋଳ-ସୁକିନ୍ଦା ରେଳପଥରେ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ଦାବି

## ମୁଖ୍ୟମନ୍ତ୍ରୀଙ୍କୁ ୫ ବିଧାୟକଙ୍କ ଦାବିପତ୍ର



**ପରଜଙ୍ଗ,୩୦।୪(ସମିସ):** ଅନୁଗୋଳ-ସୁକିନ୍ଦା ରେଳପଥ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ଦୀର୍ଘ କିଛିବର୍ଷ ଧରି ଖଣିଜ ଦ୍ରବ୍ୟ ପରିବହନ ହେଉଥିବା ବେଳେ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ନିମନ୍ତେ ୫ ବିଧାୟକ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଯାଜପୁର-ଢେଙ୍କାନାଳ-ଅନୁଗୋଳ ଜିଲ୍ଲାକୁ ସଂଯୋଗ କରାଯାଇ ଏହି ରେଳପଥ ନିର୍ମାଣ ହୋଇଛି। ଅବିଭକ୍ତ ଢେଙ୍କାନାଳ-ଅନୁଗୋଳ ଜିଲ୍ଲାର ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରେ ରଖି ଉକ୍ତ ରେଳପଥରେ ଯାତ୍ରୀ ଟ୍ରେନ୍ ଚଳାଚଳ କରିବାକୁ ଦାବି ହୋଇଆସୁଛି। ଏ ନେଇ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନଙ୍କ ନେତୃତ୍ୱରେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ହିନ୍ଦୋଳ ବିଧାୟିକା ସୀମାରାଣୀ ନାଏକ, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀ ଉକ୍ତ ଦାବିକୁ ଗୁରୁତ୍ୱ ଦେଇ ପଦକ୍ଷେପ ନେବାକ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

## ଟିପ୍ପର-ଟାଟା ଏସିଇ ମୁହାଁମୁହିଁ ଧକ୍କା, ଜଣେ ଗୁରୁତର



**ଗଁଦିଆ,୩୦।୪(ସମିସ):** ଗଁଦିଆ ଥାନା ଅନ୍ତର୍ଗତ ଧନିଆନାଳୀ ନିକଟରେ ଏକ ଟିପର ଓ ଟାଟା ଏସିଇ ମୁହାଁମୁହିଁ ଧକ୍କା ହେବାରୁ ଟାଟା ଏସିଇ ଚାଳକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ସ୍ଥାନୀୟ ମହ୍ଲାସାହି ଲକ୍ଷ୍ମୀବଜାରର ଦିଗମ୍ବର ସାହୁ (୬୨)। ଦିଗମ୍ବର ଟାଟା ଏସିଇ ଯୋଗେ ଢେଙ୍କାନାଳ ଯାଉଥିବା ବେଳେ ଷଡ଼ଙ୍ଗୀ ଆଡୁ ଆସୁଥିବା ଟିପ୍ପର ସହ ଧନିଆନାଳୀ କିଙ୍ଗ ଢାବା ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଟାଟା ଏସିଇ ଗାଡ଼ିର ସମ୍ମୁଖ ଭାଗ ଭାଙ୍ଗିରୁଜି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ସ୍ଥାନୀୟ ଲୋକେ ଦିଗମ୍ବରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ପୁଲିସ ଦୁର୍ଘଟଣାଗ୍ରସ୍ତ ଦୁଇ ଗାଡ଼ି ଜବତ କରିବା ସହ ମାମଲା ରୁଜୁକରି ତଦନ୍ତ କରୁଛି।

### ମହିଳାଙ୍କୁ ଦୁଷ୍କର୍ମ ଓ ହତ୍ୟା ଉଦ୍ୟମ ଘଟଣା

# ୫ଦିନ ପରେ ବି ପୁଲିସ୍ ହାତ ଖାଲି

ଢେଙ୍କାନାଳ,୩୦।୪(ସମିସ)

ସଦର ଥାନା ଭାପୁର ଫାଣ୍ଡି ଅନ୍ତର୍ଗତ ଭାପୁର ଗ୍ରାମର ଜଣେ ମହିଳା ସାପୁଆ ନଦୀକୁ ଗାଧୋଇବାକୁ ଯାଇଥିବା ବେଳେ ତାଙ୍କୁ ଦୁଷ୍କର୍ମ ଓ ହତ୍ୟା ଉଦ୍ୟମ କରାଯାଇଥିଲା। ତାଙ୍କ ମୁହଁ ଓ ବେକକୁ ଧାରୁଆ ଅସ୍ତ୍ରରେ କ୍ଷତାକ୍ତ କରି ଜୀବନରେ ମାରିଦେବାକୁ ଉଦ୍ୟମ କରାଯାଇଥିଲା। ଗୁରୁତର ଅବସ୍ଥାରେ ମହିଳାଙ୍କୁ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ଅବସ୍ଥା ଗୁରୁତର ଥିବାରୁ କଟକ ଏସ୍‌ସିବି ମେଡିକାଲ ସ୍ଥାନାନ୍ତର କରାଯାଇଛି। ସେଠାରେ ସେ ମୃତ୍ୟୁ ସହ ସଂଗ୍ରାମ କରୁଥିବାବେଳେ ଇତିମଧ୍ୟରେ



୫ଦିନ ବିତିଥିଲେ ମଧ୍ୟ ପୁଲିସ୍ ଘଟଣା ପ୍ରତି ସମ୍ବେଦନଶୀଳ ନ ଥିବା ଅଭିଯୋଗ ହୋଇଛି। ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ତତ୍ପରତା ନ ଦେଖାଇ ନିରବଦ୍ରଷ୍ଟା ସାଜିଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି।

ଅନ୍ୟପଟେ ବିଜେଡି ନେତା ଅବିନାଶ ସାମଲ ଓ ଜିଲ୍ଲା କାର୍ଯ୍ୟକାରୀ ସଭାପତି ସନ୍ଦିପ ଷଡ଼ଙ୍ଗୀ ଗୁରୁବାର ପୀଡ଼ିତାଙ୍କୁ କଟକ ମେଡିକାଲରେ ଭେଟି ସ୍ଥିତି

### ଅନୁଧ୍ୟାନ କଲେ ବିଜେଡି ନେତା

ଅନୁଧ୍ୟାନ କରିଛନ୍ତି। ଘରକୁ ଯାଇ ଘଟଣା ସମ୍ପର୍କରେ ପଚାରି ବୁଝିବା ସହ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ପରେ ଗ୍ରାମବାସୀଙ୍କ ସହ ଭାପୁର ଫାଣ୍ଡିରେ ପହଞ୍ଚି ୪୮ ଘଣ୍ଟା ମଧ୍ୟରେ ଅଭିଯୁକ୍ତକୁ ଗିରଫ କରିବାକୁ ଦାବି କରିଛନ୍ତି। ସେହିପରି ମହିଳାଙ୍କୁ ଦୁଷ୍କର୍ମ ଓ ହତ୍ୟା ଉଦ୍ୟମ ଘଟଣାରେ ବିଭିନ୍ନ ମହଲରେ ପ୍ରତିବାଦ ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପୁଲିସ ଅଭିଯୁକ୍ତକୁ ଗିରଫ କରିବା ପାଇଁ ୩ଟି ସ୍ୱତନ୍ତ୍ର ଟିମ୍ ଗଠନ କରିଥିବା ଏସଡିପିଓ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ସୋମବାର ମହିଳାଙ୍କ ସାପୁଆ ନଦୀ କୂଳରୁ ସଙ୍କଟାପନ୍ନ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। କେହି ଦୁର୍ବୃତ୍ତ ତାଙ୍କୁ ଦୁଷ୍କର୍ମ ଉଦ୍ୟମ କରିବା ସହ ଧାରୁଆ ଅସ୍ତ୍ରରେ ତାଙ୍କ ମୁହଁକୁ ହାଣି ପକାଇଥିଲା। ଦୀର୍ଘ ସମୟ ଖୋଜାଖୋଜି କରିବା ପରେ ପରିବାର ଲୋକେ ମହିଳାଙ୍କୁ ଉଦ୍ଧାର କରି ଏକ ଟ୍ରଲି ସାହାଯ୍ୟରେ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ସେଠାରୁ ଢେଙ୍କାନାଳ ଜିଲ୍ଲା ଚିକିତ୍ସାଳୟ ଓ ପରେ କଟକ ସ୍ଥାନାନ୍ତର କରାଯାଇଛି।

## ଜିଲ୍ଲାସ୍ତରୀୟ ହାକାଥନ ୩.୦ ଉଦଯାପିତ

**କାମାକ୍ଷାନଗର,୩୦।୪(ସମିସ):** କାମାକ୍ଷନଗର ନିକଟ କାନପୁରାସ୍ଥିତ ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ହାକାଥନ ୩.୦ ଉଦଯାପିତ ହୋଇଛି। ବିଦ୍ୟାଳୟର ମୁଖ୍ୟମନ୍ତ୍ରୀ ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀରାମ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଜିଲ୍ଲା ଶିକ୍ଷା ଅଧିକାରୀ ପରେଶ ଚନ୍ଦ୍ର ପାତ୍ର ମୁଖ୍ୟଅତିଥି, ଜିଲ୍ଲା ବିଜ୍ଞାନ କେନ୍ଦ୍ର ବିଜ୍ଞାନ ଅଧିକାରୀ



ମଥୁରୀ ମୋହନ ରାଉତ ମୁଖ୍ୟବକ୍ତା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବ୍ରହ୍ମୋତ୍ରୀ ବିଶ୍ୱାଳ, ଢେଙ୍କାନାଳ ଡିଆଇଇଟି ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁ, କାମାକ୍ଷାନଗର ବିଇଓ ସରୋଜ କୁମାର ସାହୁ, ଭୁବନେଶ୍ୱର ଆଇଆଇଟିର ଇନକ୍ୟୁବେସନ ଓ ପାର୍ଟନରସିପ ମୁଖ୍ୟ ଶକ୍ତିସ୍ୱରୂପ ପତି ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଶକ୍ତି ସଂରକ୍ଷଣ, କୃଷି, ଖାଦ୍ୟ, ଗ୍ରାମୀଣ ଉନ୍ନୟନ, ବର୍ଜ୍ୟବସ୍ତୁ ପରିଚାଳନା, ସାଇବର ସୁରକ୍ଷା, ଇ-କମର୍ସ ଆଦି ବିଷୟବସ୍ତୁ ଉପରେ ମୋଟ ୬୭ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଶ୍ରେଷ୍ଠ ୪ ପ୍ରକଳ୍ପ ରାଜ୍ୟ ସ୍ତରକୁ ମନୋନୀତ ହୋଇଛି। ମହିଷାପାଟସ୍ଥିତ ଓଏଭି ପ୍ରଥମ ସ୍ଥାନ ଅଧିକାର କରି ୨୦ ହଜାର ଟଙ୍କା ଆର୍ଥିକ ପୁରସ୍କାର ସହ ପ୍ରମାଣପତ୍ର ପାଇଥିଲା। ସେହି ବିଦ୍ୟାଳୟ ମଧ୍ୟ ଚତୁର୍ଥ ସ୍ଥାନ ଅଧିକାର କରି ଟ୍ରଫି ସହ ପ୍ରମାଣପତ୍ର ପାଇଥିଲା। ଢେଙ୍କାନାଳ ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦୁଇଟି ପ୍ରକଳ୍ପ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ଯଥାକ୍ରମେ ୧୫ ହଜାର ଓ ୧୦ ହଜାର ଟଙ୍କା ଅର୍ଥରାଶି ସହ ପ୍ରମାଣପତ୍ର ପାଇଥିଲା। ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଲକ୍ଷ୍ମୀଧର ମହାନ୍ତ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ବିଜ୍ଞାନ ଶିକ୍ଷକ ଧ୍ରୁବଚରଣ ସୁନ୍ଦରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ବିଜ୍ଞାନ କମିଟି ସଦସ୍ୟଙ୍କ ସମେତ ଶିକ୍ଷକ ସୁରେଶ କୁମାର ବିଶ୍ୱାଳ, ଚନ୍ଦ୍ରମଣି ଲେଙ୍କା, ରୁଦ୍ରନାରାୟଣ ପରିଡ଼ା, ବାନାର୍ଜୀ ମହାନ୍ତି, ପ୍ରହଲ୍ଲାଦ ସାହୁ, କୈଳାସ ଚନ୍ଦ୍ର ବିଶ୍ୱାଳ, ନିରଞ୍ଜନ ସାହୁ, ବସନ୍ତ ସାହୁ, ନିର୍ମଳ ମହାନ୍ତି, ଚିତ୍ତରଞ୍ଜନ ବିଶ୍ୱାଳ, ସମରେନ୍ଦ୍ର ନାୟକ, ଆକାଶ ରାଉତ, ଦୀପ୍ତିରଞ୍ଜନ ରାଉତ, ସୌଭାଗ୍ୟ ସାହୁ, ଶ୍ରୀକର ସାହୁ, ଆଲୋକ କୁମାର ବେହେରା, ଶିକ୍ଷୟିତ୍ରୀ କବିତା ରାଉତ, ସୁମିତ୍ରା ଜେନା, ପ୍ରଭାତୀ ସାହୁ, ଗୀତା ମହାପାତ୍ର, ରୋଜାଲିନ ପତି, ପ୍ରୀତିପ୍ରିୟମ୍ବଦା ପରିଡ଼ା, କର୍ମଚାରୀ ଗିରୀଶ ଚନ୍ଦ୍ର ମହାନ୍ତି, ଜୟସ୍ମିତା ରାଉତ, ରବିନାରାୟଣ ରାଉତ, ଶାନ୍ତନୁ ରାଉତ, ପ୍ରଶାନ୍ତ ରାଉତ ପ୍ରମୁଖ ସହଯୋଗ କରିଥିଲେ।

### ଜିରାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

## ବିନା ଫଳକରେ କୋଟି କୋଟି ଟଙ୍କାର କାମ

**ଭୁବନ,୩୦।୪(ସମିସ):** ମୁଣ୍ଡଫଟା ଖରାରେ ଖଟୁଛନ୍ତି ଶ୍ରମିକ। ଚାଲିଛି ସରକାରୀ କାର୍ଯ୍ୟାଳୟ କୋଠା ନିର୍ମାଣ। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାରୁ ପୂର୍ବାହ୍ନ ୧୧ଟାରୁ ଅପରାହ୍ଣ ୩ଟା ମଧ୍ୟରେ ବାହାରେ ନିର୍ମାଣ କାମ ନ କରିବା ପାଇଁ ସରକାର ନିର୍ଦ୍ଦେଶ ଜାରି କରିଥିବାବେଳେ ଏହାର ଉଲ୍ଲଂଘନ କରାଯାଇ ଉଦୁଉଦିଆ ଖରାବେଳେ ନିର୍ମାଣ କାମ କରାଯାଉଛି। ଜୀବନକୁ ବାଜିରେ ଲଗାଇ ଶ୍ରମିକ କାମ କରୁଛନ୍ତି। ଏ ନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ତେଲଲୁଣ ମହଙ୍ଗା ସାଙ୍ଗକୁ ଆର୍ଥିକ ଅନଟନରେ ଯୁଝୁଥିବା ଶ୍ରମିକ ଲୋକଟି ପରିବାର ଚଳାଇବା ଅତ୍ୟନ୍ତ କଷ୍ଟକର ହୋଇ ପଡୁଥିବାରୁ ବାଧ୍ୟ ହୋଇ ବିପଦକୁ ଆପଣାଇ ଖରାରେ କାମ କରୁଛି। ଭୁବନ ବ୍ଲକ ଜିରାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଏହି ଦୃଶ୍ୟ ସାମ୍ନାକୁ ଆସିଛି। ଠିକାଦାର ରହୁନାହାନ୍ତି। ଘର ଜଗୁଛନ୍ତି ପେଟି କଣ୍ଟ୍ରାକ୍ଟର। ପଚାରିଲେ କହୁଛନ୍ତି ମତେ କିଛି ଚିଠି ଆସିନାହିଁ। ସରକାରଙ୍କ ନିୟମ ଲାଗୁ ହୋଇନାହିଁ ସରକାରୀ କାମରେ।

ଅନ୍ୟପଟେ ଏଠାରେ ବିନା ଫଳକରେ ନିର୍ମାଣ ଚାଲିଛି। ୧୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ନୂତନ ଗୃହ ନିର୍ମାଣ ହେଉଛି। କିନ୍ତୁ ସ୍ୱାସ୍ଥ୍ୟକେନ୍ଦ୍ର ଆଳରେ ଏଠାରେ ଦେଖିବାକୁ ମିଳୁଛି ସରକାରୀ ଟଙ୍କା ହଡ଼ପ ଏବଂ ଶ୍ରମିକମାରଣ ନୀତି। ବିନା ଫଳକରେ ଦୁଇ ମହଲା କୋଠା କାମ ଆରମ୍ଭ ହୋଇଥିବା ବେଳେ ବର୍ତ୍ତମାନ ଶ୍ରମିକ ସୁରକ୍ଷା ଉପରେ ସରକାର ଆଣିଥିବା ଗାଇଡ୍‌ଲାଇନ୍‌କୁ ଖାତିର କରୁନାହାନ୍ତି ଠିକାଦାର। ଏନେଇ କାମାକ୍ଷାନଗର ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ବିଜୟ କୁମାର ସେଠୀଙ୍କୁ ଅବଗତ କରାଯାଇଥିଲା। ସେ ଠିକାଦାରଙ୍କୁ ତାଗିଦ କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ କହିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ଏହି ଠିକାଦାର ଜଣକ ବାଜି ରାଉତଙ୍କ ଗ୍ରାମରେ ଗ୍ରାମ୍ୟ ଉନ୍ନୟନ ବିଭାଗର ପିଚୁ ରାସ୍ତା ନିର୍ମାଣ ସମୟରେ ଡମଶାଳ ଆଶ୍ରମ ସ୍କୁଲର ନାବାଳିକା ଛାତ୍ରୀଙ୍କୁ କାମରେ ଲଗାଇଥିଲେ। ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ ହୋଇଥିଲା। ଆଜିର ଘଟଣା ନେଇ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ସାମାଜିକ ଗଣମାଧ୍ୟମ 'ଏକ୍ସ' ମାଧ୍ୟମରେ ଅଭିଯୋଗ ହୋଇଥିବା କହିଛନ୍ତି ଈଶ୍ୱର ରାଉତ।

## ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଢେଙ୍କାନାଳ,୩୦।୪(ସମିସ):** ସ୍ଥାନୀୟ ପୁଲିସ୍ ଲାଇନ୍ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ମନୋଜବାଳା ମିଶ୍ର ଓ ନରଣପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ବୀଣାପାଣି ପାଲ୍ ଏପ୍ରିଲ ୩୦ ତାରିଖ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ବିଇଓ କାର୍ଯ୍ୟାଳୟ ତରଫରୁ ଗୁରୁବାର ଉଭୟଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସଦର ବିଇଓ ଦିବ୍ୟପ୍ରକାଶ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ଶିକ୍ଷୟିତ୍ରୀ ମିଶ୍ର ଓ ପାଲ୍‌ଙ୍କୁ ପୁଷ୍ପଗୁଚ୍ଛ ଓ ଫାଇନାଲ୍ ପେନ୍‌ସନ୍ କାଗଜ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ବିଇଓ ପ୍ରଧାନ ସେମାନଙ୍କ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏବିଇଓ ଦେବବ୍ରତ ନାଥ, ସେକ୍ସନ୍ ଅଫିସର ବବିତା ଦାସ, କାର୍ଯ୍ୟାଳୟର ବରିଷ୍ଠ ସହାୟକ ଅକ୍ଷୟ ହୋତା, ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ଶତ୍ରୁଘ୍ନ ମଲ୍ଲିକ, ଉପଦେଷ୍ଟା ପ୍ରଶାନ୍ତ ପଣ୍ଡା, ସାଙ୍ଗଠନିକ ସମ୍ପାଦକ ବିଷ୍ଣୁ ମଲ୍ଲିକ ପ୍ରମୁଖ ଯୋଗଦେଇ ଦୁଇ ଶିକ୍ଷୟିତ୍ରୀଙ୍କ ଗୁଣାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ଏବିଇଓ ଶତ୍ରୁଘ୍ନ ଖଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ହିନ୍ଦୋଳରୋଡ୍ ରେଳଷ୍ଟେସନ ରାସ୍ତା ମରଣଯନ୍ତା

**ଖଜୁରିଆକଟା,୩୦।୪(ସମିସ):** ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ହିନ୍ଦୋଳରୋଡ୍ ରେଳଷ୍ଟେସନ ରାସ୍ତା ମରଣଯନ୍ତା ପାଲଟିଛି। ୫୫ନଂ ଜାତୀୟ ରାଜପଥ ହିନ୍ଦୋଳରୋଡ ବଜାର ଛକରୁ ହିନ୍ଦୋଳରୋଡ୍ ରେଳଷ୍ଟେସନ ପର୍ଯ୍ୟନ୍ତ ପ୍ରାୟ ୧ କି ମି ରାସ୍ତାରେ ପ୍ରତ୍ୟେକ ଦିନ ଶହ ଶହ କୋଇଲା ବୋଝେଇ ଟ୍ରକ ଚଳାଚଳ କରୁଛି। ଫଳରେ ରାସ୍ତା ସାରା ଖାଲଖମା ସୃଷ୍ଟି ହୋଇ ଲୋକଙ୍କ ଯାତାୟାତରେ ବାଧା ସୃଷ୍ଟି କରୁଛି।

ରାସ୍ତାରେ ଆଲୋକ ବ୍ୟବସ୍ଥା ନାହିଁ। ଏହି ରାସ୍ତାରେ ବିଦେଶୀ ଓ ଦେଶୀ ମଦ ଦୋକାନ ରହିଥିବାରୁ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳିରେ ପରିଣତ ହୋଇଛି। ଫଳରେ ଲୋକେ ସେହି ରାସ୍ତା ଦେଇ ଯିବା ଆସିବା କରିବାକୁ ନିରାପଦ ମଣୁନାହାଁନ୍ତି।

ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ ନିର୍ବାଚିତ ଜନପ୍ରତିନିଧି ଓ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ରାସ୍ତା ମରାମତି କରିବା ସହ ଆଲୋକୀକରଣ କରିବାକୁ ସାଧାରଣରେ ଦାବି ହେଉଛି।

## ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

**ପରଜଙ୍ଗ,୩୦।୪(ସମିସ):** ୧୪୯ନଂ ଜାତୀୟ ରାଜପଥର ପରଜଙ୍ଗ ଥାନା ପରମହଂସପୁର ଛକ ନିକଟରେ ଦୁର୍ଘଟଣା ଘଟି ଜଣେ ବାଇକ ଆରୋହୀଙ୍କ ମୃତ ହୋଇଛି। ମୃତକ ହେଲେ ପିତିରି ପଞ୍ଚାୟତ ପଡ଼ିଆଭଙ୍ଗା ଗ୍ରାମର ଜଳନ୍ଧର ସେନାପତି (୪୪)। ବୁଧବାର ବିଳମ୍ବିତ ରାତିରେ ଜଳନ୍ଧର ବାଇକ୍ ଯୋଗେ ପରମହଂସପୁର ଛକରୁ ଘରକୁ ଫେରୁଥିବା ବେଳେ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍ ଜବତ କରି ତଦନ୍ତ ଜାରି ରଖିଛି।

### ଡିଆଇଇଟିର ବାର୍ଷିକ ଉତ୍ସବ 'ପୁଲକ' ପାଳିତ

# 'ଶିକ୍ଷା ହେଉଛି ବିକଶିତ ଭାରତର ଆଧାର'



ଶ୍ରେଷ୍ଠ ପ୍ରଶିକ୍ଷାର୍ଥୀ ଭାବେ ନୀହାର ସମ୍ମାନିତ

**ଢେଙ୍କାନାଳ,୩୦।୪(ସମିସ):** ଭାରତ ସରକାର ୨୦୪୭ ସୁଦ୍ଧା ବିକଶିତ ଭାରତର ସ୍ୱପ୍ନ ଦେଖିଛନ୍ତି। ଏଥିଲାଗି ଶିକ୍ଷାକୁ ପ୍ରମୁଖ ଆଧାର ଶିଳା ରୂପେ ଗ୍ରହଣ କରାଯାଇଛି। ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଯୋଜନା ପ୍ରସ୍ତୁତ କରାଯାଇ କାର୍ଯ୍ୟକାରୀ କରାଯାଉଛି। ଏ ପ୍ରସଙ୍ଗରେ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନଗୁଡ଼ିକ ପ୍ରଭାବୀ ଭୂମିକା ନେବା ଉଚିତ ବୋଲି ସ୍ଥାନୀୟ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଡିଆଇଇଟି)ର ବାର୍ଷିକ ଉତ୍ସବ 'ପୁଲକ ୨.୦'ରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମତବ୍ୟକ୍ତ କରିଛନ୍ତି। ପ୍ରତିଷ୍ଠାନର ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମନ୍ତ୍ରୀ ଲୋକାଲ ଫର ଭୋକାଲ ଉପରେ ଗୁରୁତ୍ୱ ଦେବା ସହ ଓଡ଼ିଆ ଅସ୍ମିତା ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ।

ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ବିନାୟକ ରଥ ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରଶିକ୍ଷଣ ମାଧ୍ୟମରେ ପରିବେଶ ସଂରକ୍ଷଣ ପାଇଁ ସଚେତନତା ସୃଷ୍ଟି କରିବା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ତପନ କୁମାର ଶତପଥୀ ଓ ଜିଲ୍ଲା ଶିକ୍ଷା ଅଧିକାରୀ ପରେଶ ଚନ୍ଦ୍ର ପାତ୍ର ଯୋଗଦେଇଥିଲେ। ଏହି ଅବସରରେ ପ୍ରତିଷ୍ଠାନର ସମାଚାର ପତ୍ରିକା 'ସପ୍ତଶଯ୍ୟା' ଓ ଗବେଷଣା ଆଧାରିତ ପୁସ୍ତକ 'ରିସର୍ଚ୍ଚ କ୍ୟାପସୁଲ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଜିଲ୍ଲାରେ ଡିଆଇଇଟି-ସିଆରସିସି ଲିଙ୍କେଜ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରୁଥିବା ସଦର ବ୍ଲକର ସିଆରସିସି ପ୍ରମୋଦ କୁମାର ସାହୁ, ଭୁବନ ବ୍ଲକର ଆନନ୍ଦ ଚନ୍ଦ୍ର ମେହେନା, ପରଜଙ୍ଗ ବ୍ଲକର ଦିବ୍ୟଜ୍ୟୋତି ଦେହୁରୀ, କଙ୍କଡ଼ାହାଡ଼ରୁ ପ୍ରିୟରଞ୍ଜନ ବେହେରା, ଗନ୍ଦିଆର ଅର୍ଜୁନ କୁମାର ଓଝା, ହିନ୍ଦୋଳର ପ୍ରବଳିନୀ ସ୍ୱାଇଁ, କାମାକ୍ଷାନଗରର ଅତୁଲ୍ୟ ଦାସ ଓ ଓଡ଼ାପଡ଼ାର ରଞ୍ଜନ କୁମାର ବେହେରାଙ୍କୁ ଅତିଥି ସମ୍ମାନିତ କରିଥିଲେ। ପ୍ରଶିକ୍ଷଣ ପ୍ରତିଷ୍ଠାନର ୨୦୨୩-୨୫ ଡିଏଲଇଡି ଟପ୍ପର ଅର୍ଘ୍ୟରୂପା ସ୍ୱାଇଁ, ଚଳିତ ବର୍ଷ ଶ୍ରେଷ୍ଠ ପ୍ରଶିକ୍ଷାର୍ଥୀ ଭାବେ ନୀହାର ରଞ୍ଜନ ବିଶ୍ୱାଳ, ଲିଟେରାରୀ ଚାମ୍ପିଅନ ଭାବେ ବିଶ୍ୱଜିତ ମହାପାତ୍ର, କଲଚରାଲ ଚାମ୍ପିଅନ ଭାବେ ସ୍ନେହମୟୀ ନାୟକ, ନିରବ କର୍ମୀ ଭାବେ ପ୍ରଦୀପ ସାହୁ, ସ୍ୱେଚ୍ଛାସେବୀ ଭାବେ ହରିହର ରାଉଳ ଓ ସୋନମ ସାହୁଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା।



## ମୋବାଇଲ ଚୋରକୁ ମାଡ଼ ମାରିବା ମହଙ୍ଗା ପଡ଼ିଲା

# ୫ ଅଭିଯୁକ୍ତଙ୍କୁ ବାନ୍ଧିଲା ପୁଲିସ

ପାରାଦୀପ,୩୦।୪(ସମିସ)

ମୋବାଇଲ ଚୋରି କରିବା ଅଭିଯୋଗରେ ଖୋର୍ଦ୍ଧା ଜିଲ୍ଲା ବେଗୁନିଆର ଶେଷଦେବ ମହାପାତ୍ର (୨୫) କୁ ମାଡ଼ ମାରିବା ମହଙ୍ଗା ପଡିଛି। ଆଇନକୁ ହାତକୁ ନେଇଥିବା ୫ ଅଭିଯୁକ୍ତ ଯାଜପୁର ଜିଲ୍ଲା କୁଆଖିଆ ଥାନା ଅନ୍ତର୍ଗତ ମୁଗୁପାଳର ରଜତ ପଣ୍ଡା, ପୁରୀ ଜିଲ୍ଲା ଗାଡିଶାଗୋଦା ଥାନା ଅନ୍ତର୍ଗତ ଶ୍ରୀମୁକୁନ୍ଦପୁରର ସୁବା ଓରଫ ସୁବାସ ବେହେରା (୩୪), ଜଗତସିଂହପୁର ଜିଲ୍ଲା ପାରାଦୀପ ଆଦର୍ଶ ଥାନା ଅନ୍ତର୍ଗତ ଲକପଡ଼ା ଅଠରବାଙ୍କୀର ଅର୍ଜ୍ଜୁନ ଗିରି (୨୧), ହେମନ୍ତ ଦାସ (୨୨) ଓ ନରେନ ଗିରି (୧୮) ଙ୍କୁ ପାରାଦୀପ ଆଦର୍ଶ ଥାନା ପୁଲିସ ଗିରଫ କରିଛି। ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବାକୁ ପ୍ରୟାସ ଜାରି ରଖିଛି। ମିଳିଥିବା ସୂଚନା ଅନୁଯାୟୀ ଗତ ୨୪ ତାରିଖ



ଭୋରରୁ ପାରାଦୀପ ଅଠରବାଙ୍କୀ ଠାରେ ଉକ୍ତ ବ୍ୟକ୍ତିକୁ କିଛି ଲୋକ ରାସ୍ତା ପାଖରେ ଥିବା ଟ୍ରକ୍ ପାର୍କିଙ୍ଗ ଅଞ୍ଚଳରେ ମାରଧର କରିବା ସହ ମୁଣ୍ଡ ଚୁଟିକୁ ବଳ ପୂର୍ବକ କାଟି ଆହତ କରିଥିଲେ। ଏ ସମ୍ପର୍କୀତ ଏକ ଭିଡିଓ ସୋସିଆଲ ମିଡିଆରେ ଘୁରି ବୁଲୁଥିବା ଦେଖିବାକୁ ମିଳିଥିଲା। ଅଡିଓରେ ପ୍ରଥମେ ଘର କେନ୍ଦୁଝର ଜିଲ୍ଲା ହାଟାଡିହ ବୋଲି କୁହାଯାଉଥିଲା। କିନ୍ତୁ ପାରାଦୀପ ଆଦର୍ଶ ଥାନା ପୁଲିସର ତନାଘନା ବେଳେ ଏହା ପାରାଦୀପ ଅଠରବାଙ୍କୀ ଅଞ୍ଚଳରେ ଘଟିଥିବା ଘଟଣା ବୋଲି ପୁଲିସ ଜାଣିବାକୁ ପାଇଥିଲା। ଏହାକୁ ପୁଲିସ ନିରପେକ୍ଷ ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏ ନେଇ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ହୋଇଥିବା ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ପୁଲିସ ଆରକ୍ଷୀ ଅଧୀକ୍ଷକ ଅଙ୍କିତ କୁମାର ବର୍ମା ସୂଚନା ଦେଇଛନ୍ତି। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ପାରାଦୀପ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଆଜିଙ୍କ୍ୟ ମାଣେ ଜଗତସିଂହପୁର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସତ୍ୟବ୍ରତ ଦାସ, ପାରାଦୀପ ଆଦର୍ଶ ଥାନା ଅଧିକାରୀ ବବିତା ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।

## କୁଜଙ୍ଗରେ ମଧୁବାବୁଙ୍କ ଜୟନ୍ତୀ



କୁଜଙ୍ଗ,୩୦।୪(ସମିସ): କୁଜଙ୍ଗ ହନୁମାନ ମନ୍ଦିର ପରିସରରେ ଶ୍ରୀବଳଦେବଜିଉ ସାଂସ୍କୃତିକ ପରିଷଦ କୁଜଙ୍ଗ ଆନୁକୂଲ୍ୟରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୮ ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ପରିଷଦର ସଭାପତି କବି ଶଙ୍କର ଦାସଙ୍କ ପୌରୋହିତ୍ୟରେ ପୂର୍ବତନ ସାଂସଦ ଡାକ୍ତର କୁଳମଣି ସାମଲ ଓ ପରଦା ସମ୍ପାଦକ ସରୋଜ କୁମାର ପଟ୍ଟନାୟକ ଯୋଗ ଦେଇ ମଧୁବାବୁ ଉତ୍କଳ ପାଇଁ ଅସୀମ ତ୍ୟାଗ, ସମର୍ପଣ ବିଷୟରେ ବିଶଦ ଆଲୋଚନା କରିଥିଲେ। ଏହି ଅବସରରେ କବି ନବୀନ ପ୍ରଧାନ, ଗୀତା ଦାସ, କମ୍ରେଡ ବାବୁରାମ ଚୌଧୁରୀ, ପଣ୍ଡିତ ପ୍ରଭାକର ଭଞ୍ଜ, ବିଜୟ ଖଟେଇ, ଆଇନଜୀବୀ ପ୍ରିୟମ୍ବଦା ପାଣି, ଜୟନ୍ତୀ ଦାସ, କବି ମାନସୀ ପ୍ରଭା ସ୍ୱାଇଁ, ରୁନି ବାଳା ମଲ୍ଲିକ, ଛବୀନ୍ଦ୍ର ସାହୁ, କାହ୍ନୁ ଚରଣ ନନ୍ଦୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ କବିତା ପାଠ ମଧ୍ୟ ଅନୁଷ୍ଠିତ ହୋଇଥିଲା।

## ପାରାଦୀପ ଜୁନିଅର ଫୁଟ୍‌ବଲ ଟିମକୁ ସମ୍ବର୍ଦ୍ଧନା



ପାରାଦୀପ,୩୦।୪(ସମିସ): ଚଳିତବର୍ଷ ୧୪ ବର୍ଷରୁ କମ୍ ମୁଖ୍ୟ ମନ୍ତ୍ରୀ କପ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଜଗତସିଂହପୁର ଠାରେ ଆୟୋଜିତ ହୋଇଥିଲା। ଏଥିରେ ପାରାଦୀପ ଟିମ୍ ବିଜୟ ଲାଭ କରିଥିଲା।ଏହି ଅବସରରେ ଆଜି ବିଜୟୀ ପାରାଦୀପ ଟିମକୁ ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିୟମରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ପାରାଦୀପ ସ୍ପୋର୍ଟ୍ସ କାଉନସିଲ ର କାର୍ଯ୍ୟକାରୀ ସଭାପତି ଡା. ଦୁର୍ଗା ପ୍ରସାଦ ସେଠୀ, ପୂର୍ବତନ ସମ୍ପାଦକ ଧ୍ରୁବ ଚନ୍ଦ୍ର ତରାଇ ଓ ସ୍ପୋର୍ଟ୍ସ କାଉନସିଲର ସଦସ୍ୟ ବିପ୍ଳବ କୁମାର ଜେନା, ରଞ୍ଜିତ ବୋମାଲି ଏବଂ ଅଭିଭାବକ ମାନେ ତାଙ୍କର ପ୍ରଶିକ୍ଷକ ସଂଜୀତି ଜେନା ଓ ଖେଳାଳୀ ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିବା ସହିତ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

## ଜାତୀୟ କବି ବୀରକିଶୋର ଦାସଙ୍କ ଶ୍ରାଦ୍ଧୋତ୍ସବ



ଜଗତସିଂହପୁର,୩୦।୪(ସମିସ): ଜଗତସିଂହପୁର ସାହିତ୍ୟ ପରିଷଦ ଓ ଜାତୀୟ କବି ବୀର କିଶୋର ସ୍ମୃତି କମିଟି ପକ୍ଷରୁ ଜାତୀୟ କବି ବୀର କିଶୋର ଦାସଙ୍କର ୫୪ତମ ଶ୍ରାଦ୍ଧୋତ୍ସବ? ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଭାତରୁ ଚାରିପୋଲିଆ ସ୍ମୃତି ଉଦ୍ୟାନ ଓ କବିଙ୍କର ନିଜ ଗାଁ ପୁନଙ୍ଗ ସ୍ଥିତ ତାଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ତାଙ୍କର ସମାଧି ପୀଠରେ ପୁଷ୍ପମାଲ୍ୟ ପ୍ରଦାନ ଓ ଧୂପ ପ୍ରଜ୍ୱଳନ କରାଯାଇ ତାଙ୍କର ସ୍ମୃତିଚାରଣ କରାଯାଇଥିଲା। ଏଥିରେ ଜଗତସିଂହପୁର ସାହିତ୍ୟ ପରିଷଦର ସଭାପତି ଙ୍କ ବିଷ୍ଣୁ ସାହୁ, ପରୀକ୍ଷିତ ମହାନ୍ତି, ରମେଶ ଚନ୍ଦ୍ର ବହିରା ଓ ସବ୍ୟସାଚୀ ତ୍ରିପାଠୀ ଓ ସମାଜସେବୀ ସତ୍ୟବ୍ରତ ବିଶ୍ୱାଳ, ସ୍ମୃତି କମିଟିର ବିଜୟ କୁମାର ପାତ୍ର, ସୁଦର୍ଶନ ବେହେରା, କୈଳାସ ଚନ୍ଦ୍ର ସ୍ୱାଇଁ, ସୁରେଶ ଚନ୍ଦ୍ର ପାତ୍ର, ଦାୟାଦ ପ୍ରଭାକର ଦାସ ଉପସ୍ଥିତ ରହିଥିଲେ। ଅପରାହ୍ନରେ ଆୟୋଜିତ ସ୍ମୃତିଚାରଣ ସଭାରେ ପରିଷଦର ଉପ ସଭାପତି ବଂଶୀଧର ବେହେରା, ତିଲୋତ୍ତମା ଦାଶ, ହିମାଂଶୁ ଶେଖର ଆଚାର୍ଯ୍ୟ, ସବ୍ୟସାଚୀ ତ୍ରିପାଠୀ ଓ ସ୍ମୃତି କମିଟିର ପ୍ରଭାକର ଦାସ, କୈଳାସ ଚନ୍ଦ୍ର ସ୍ୱାଇଁ, କୃଷ୍ଣଚନ୍ଦ୍ର ମହାନ୍ତି, ବିଜୟ କୁମାର ପାତ୍ର, ରମେଶ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ।

## ତାତନା ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ



ପଟ୍ଟାମୁଣ୍ଡାଇ,୩୦।୪(ସମିସ): ପଟ୍ଟାମୁଣ୍ଡାଇ ପୌରପରିଷଦ ଅର୍ନ୍ତଗତ ତାତନା ଗ୍ରାମବାସୀଙ୍କ ତତ୍ତ୍ୱାବଧାନରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ଅଞ୍ଚଳର ବହୁ ସୁନାମଧନ୍ୟ କୀର୍ତ୍ତନ ମଣ୍ଡଳୀ କୀର୍ତ୍ତନ ପରିବେଷଣ କରି ଶ୍ରଦ୍ଧାଳୁଙ୍କୁ ବିମୋହିତ କରିଥିଲେ। ପୂଜକ ଅଧିକାରୀ ପଣ୍ଡିତ ନିମାଇଁ ଚରଣ ଦାଶ ସମସ୍ତ ନିତିକାନ୍ତୀ ଓ ପୂଜା ନିଷ୍ଠାର ସହିତ କରିଥିଲେ। ଅଧିବାସ ଦିବସରେ ଗ୍ରାମର ଯୁବକ କଳସ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ସ୍ଥାନୀୟ ସଙ୍ଗତ ପୁଷ୍କରିଣୀରୁ ଜଳ ଉଠାଇଥିଲେ। ଗ୍ରାମର ଉଦୀୟମାନ ଯୁବକଙ୍କ ନେତୃତ୍ୱ ଓ ଗ୍ରାମବାସୀଙ୍କ ସହଯୋଗରେ ବାର୍ଷିକ ଅଷ୍ଟପ୍ରହର ନାମଯଜ୍ଞ ଶାନ୍ତିଶୃଙ୍ଖଳାର ସହ ଶେଷ"ହୋଇଛି। ତୃତୀୟ ଦିବସ ନଗର କୀର୍ତ୍ତନରେ ଗ୍ରାମର ଘର ଘର ବୁଲି ମହାପ୍ରଭୁ ନିତାଇ ଚୈତନ୍ୟ ଭୋଗ ଖାଇଥିଲେ। ଏହି କାର୍ଯ୍ୟକ୍ରମକୁ ଗ୍ରାମର ବରିଷ୍ଠ ନାଗରିକ ଶିକ୍ଷାବିତ ପରୀକ୍ଷିତ ରାୟ, ସନ୍ତୋଷ ସାମଲ, ନୃସିଂହ ଦାସ, ତ୍ରିଲୋଚନ ସାମଲ, ବସନ୍ତ ସାମଲ, ପ୍ରତାପ ସାମଲ, ସରୋଜ ବଳ, ଶରତ ନାୟକ, ରଞ୍ଜନ ଧଳ, ମହେଶ୍ୱର ନାୟକ, ରବୀନ୍ଦ୍ର ଧଳ, ପ୍ରଦୀପ ସାମଲ ପ୍ରମୁଖ ପରିଚାଳନା କରିଥିଲେ।

### ● ମହିଳାଙ୍କୁ ଜିଲ୍ଲାପାଳଙ୍କ ଦୁର୍ବ୍ୟବହାର ଘଟଣା

## କାର୍ଯ୍ୟାନୁଷ୍ଠାନ ଦାବିକଲା ସଚେତନ ନାଗରିକ ମଞ୍ଚ

ଜଗତସିଂହପୁର/ଏରସମା,୩୦।୪(ସମିସ): ଜଗତସିଂହପୁର ଜିଲ୍ଲାର ଏରସମା ବ୍ଲକରେ ଗତ ସୋମବାର ଦିନ ଚାଲିଥିବା ଜନଶୁଣାଣି ଶିବିରରେ ଅଭିଯୋଗ କରିବାକୁ ଆସିଥିବା ମହିଳା ଓ ସେଠାରେ ଉପସ୍ଥିତ ଥିବା ଖବରଦାତାଙ୍କୁ ଜିଲ୍ଲାପାଳଙ୍କ ଦୁର୍ବ୍ୟବହାର ଘଟଣାକୁ ନେଇ ଏରସମାବାସୀ ମର୍ମାହତ ହୋଇଛନ୍ତି। ୭ ଦିନ ମଧ୍ୟରେ ଶୃଙ୍ଖଳାଗତ ପଦକ୍ଷେପ ନନେଲେ ସଚେତନ ନାଗରିକ ମଞ୍ଚର ଶତାଧିକ କର୍ମକର୍ତ୍ତା ଏରସମା ବନ୍ଦ ଡାକରା ଦେବେ ବୋଲି ସାମ୍ବାଦିକ ସମ୍ମିଳନୀରେ ଚେତାବନୀ ଦେଇଛନ୍ତି। ଅନୁଷ୍ଠାନର ସମ୍ପାଦକ ଜ୍ଞାନ ରଞ୍ଜନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରସନ୍ନ କୁମାର କୁଅଁର, ସାଲୁ ଶାସମଲ, ସୁରେଶ ଚନ୍ଦ୍ର ସ୍ୱାଇଁ ଏବଂ ମଳୟ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ଜିଲ୍ଲାପାଳଙ୍କ ଦୁର୍ବ୍ୟବହାର ଘଟଣାକୁ ତୀବ୍ର ସମାଲୋଚନା କରିଥିଲେ। ସମ୍ପାଦକ ଶ୍ରୀ ଦାସ କହିଥିଲେ, ଜିଲ୍ଲାପାଳ ନଳଭେଡି ଗ୍ରାମର ୱାର୍ଡ ସଭ୍ୟା ପ୍ରତିମା ଭୌମିକଙ୍କ ସହିତ ୪ ମହିଳା ଓ ଖବରଦାତା ଦୀପ୍ତି ରଞ୍ଜନ ଖଣ୍ଡୁଆଳଙ୍କୁ ଯେଉଁଭଳି ବ୍ୟବହାର କରିଛନ୍ତି ତାହାକୁ ଆମେ ନିନ୍ଦା କରୁଛୁ। ତୁରନ୍ତ ଜିଲ୍ଲାପାଳ ମାନବିକତାର ପରିଚୟ ଦିଅନ୍ତୁ, ସେ ଏରସମା ଆସି କ୍ଷମା ପ୍ରାର୍ଥନା କରନ୍ତୁ। ଏଥି ସହିତ ଜଳ କଷ୍ଟ ଭୋଗୁଥିବା ଆମ୍ବିକି, ଗୋଡ଼ା, ଗଡ଼ବିଶୁନିପୁର, ଗଡ଼ହରିଶପୁର ପଞ୍ଚାୟତର ଯେଉଁସବୁ ଗ୍ରାମରେ ପାନୀୟ ଜଳ ମିଳୁନାହିଁ, ସେହି ଗ୍ରାମଗୁଡିକୁ ଟ୍ୟାଙ୍କର ମାଧ୍ୟମରେ ଜଳ ଯୋଗାଇଦିଅନ୍ତୁ ବୋଲି କୁହାଯାଇଛି। ନଚେତ ଜିଲ୍ଲାପାଳଙ୍କୁ ଏରସମାବାସୀଙ୍କ ସହ ଲଢ଼ିବାକୁ ପଡ଼ିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

### ● ଆଇସିଏସଇ ଦଶମ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ

## ବେଥାନି କନଭେଣ୍ଟ ସ୍କୁଲ ଛାତ୍ରଛାତ୍ରୀଙ୍କ ସଫଳତା

ପାରାଦ୍ୱୀପ,୩୦।୪ (ସମିସ) : ଆଇସିଏସଇ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷା ଫଳ ଆଜି ୩୦ ଏପ୍ରିଲ ୨୦୨୬ରେ ପ୍ରକାଶିତ ହୋଇଛି। ବେଥାନି କନଭେଟ ସ୍କୁଲ, ପାରାଦ୍ୱୀପ ର ଛାତ୍ରଛାତ୍ରୀ ମାନେ ପୂର୍ବବର୍ଷମାନଙ୍କ ପରି ଚଳିତ ବର୍ଷ ମଧ୍ୟ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଏବଂ ଶତ ପ୍ରତିଶତ ସଫଳତା ହାସଲ କରି ବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି କ୍ଷ ଦଶମ ଶ୍ରେଣୀର ୭୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୧୧ ଜଣ ଛାତ୍ରଛାତ୍ରୀ ଉର୍ଦ୍ଧ୍ୱ ରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୭୧ ଜଣ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ରୁଦ୍ରାଦିତ୍ୟ ପରିଜା ସର୍ବାଧିକ



୯୫.୬୪ ପ୍ରତିଶତ ନମ୍ବର ରଖି ସ୍କୁଲରେ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଯୁମିକା ମହାପାତ୍ର ୯୪.୬୪ ନମ୍ବର ଓ ଶୁଭ୍ରଦୀପ ପାତ୍ର ୯୪.୪୪ ନମ୍ବର ରଖି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ବିଦ୍ୟାଳୟର ଖ୍ୟାତି ବଢ଼ାଇଛନ୍ତି।ବେଥାନି କନଭେଟ ସ୍କୁଲ ର ଏହି ଉଲ୍ଲେଖନୀୟ ସଫଳତା ପ୍ରଦର୍ଶନ ନିମନ୍ତେ ସ୍କୁଲ ର ମୁଖ୍ୟ ସୁନୀଲ ଲାକ୍ରା ସନ୍ତୋଷ ପ୍ରକାଶ କରିବା ସହିତ କୃତି ଛାତ୍ରଛାତ୍ରୀ ଙ୍କ ଅଭିଭାବକ ଏବଂ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଅନ୍ତରରୁ ଶୁଭେଚ୍ଛା ଜଣାଇଛନ୍ତି। ତେବେ ସ୍କୁଲ ରେ ୯୫.୬ ପ୍ରତିଶତ ନମ୍ବର ରଖି ପ୍ରଥମ ହୋଇଥିବା ରୁଦ୍ରଦିତ୍ୟ ପରିଜା ପାରାଦୀପ ହଉସିଂ ବୋର୍ଡ କଲୋନୀ ରେ ରହୁଥିବା ବିଶିଷ୍ଟ ବ୍ୟବସାୟୀ ତନ୍ମୟ ପରିଜା ଓ ନନ୍ଦିନୀ ମହାନ୍ତିଙ୍କ ର ଏକମାତ୍ର ପୁତ୍ର ଅଟନ୍ତି।

## ୧୪ ବର୍ଷରୁ କମ୍ ମୁଖ୍ୟମନ୍ତ୍ରୀ ଫୁଟବଲ୍ ଟ୍ରଫି ଉଦ୍‌ଯାପିତ



ଜଗତସିଂହପୁର,୩୦।୪(ସମିସ): ଜଗତସିଂହପୁର ଜିଲ୍ଲାର ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ୍‌ଠାରେ ରାଜ୍ୟସ୍ତରୀୟ ୧୪ ବର୍ଷରୁ କମ୍ ଉଭୟ ବାଳକ ଓ ବାଳିକା ମୁଖ୍ୟମନ୍ତ୍ରୀ ଫୁଟବଲ୍ ଟ୍ରଫି ଗତ ୨୪ ତାରିଖରୁ ଆରମ୍ଭ ହୋଇ ଆଜି ଶେଷ ହେଉଛନ୍ତି। ୨୦୨୬ରିଖରେ ଉଦ୍‌ଯାପିତ ହୋଇଯାଇଛି। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ, ଜିଲ୍ଲା ପ୍ରଶାସନ ଓ ଜିଲ୍ଲା କ୍ରୀଡା ସଂସଦର ମିଳିତ ଆନୁକୂଲ୍ୟରେ ଏହି ଟ୍ରଫି ଆୟୋଜିତ ହୋଇଥିଲା। ଏଥିରେ ବାଳକ ବିଭାଗ ତରଫରୁ ୬ ଗୋଟି ଦଳ ଓ ବାଳିକା ବିଭାଗରୁ ୪ ଗୋଟି ଦଳ ଅଂଶ ଗ୍ରହଣ କରିଥିଲେ। ବାଳକ ବିଭାଗରେ ପୋର୍ଟ କ୍ଲବ, ପାରାଦୀପ ଓ ୟୁଜି ହାଇ ସ୍କୁଲ, ପୁରଣ ଟାଇଗର,ରଘୁନାଥପୁର ମଧ୍ୟରେ ସଙ୍ଘର୍ଷ ପୂର୍ଣ୍ଣ ଖେଳ ହୋଇଥିଲା।ଶେଷରେ ପୋର୍ଟ କ୍ଲବ, ପାରାଦୀପ ୧-୦ ଗୋଲରେ ଚାମ୍ପିଅନ ଟ୍ରଫି ହାସଲ କରିନେଇଥିବା ବେଳେ ପୂରଣ ଟାଇଗର ରନର୍ସ ଅପ ହୋଇଥିଲେ। ସେହିପରି ବାଳିକା ବିଭାଗରେ ସରକାରୀ ଉଚ୍ଚ ବିଦ୍ୟାଳୟ ପୂରଣ ଚାମ୍ପିଅନ ଟ୍ରଫି ହାସଲ କରିଥିବା ବେଳେ ବୋରିକିନା ହାଇ ସ୍କୁଲ ବାଳିକା ଦଳ ରନର୍ସ ଅପ ହୋଇଥିଲେ। ଉଦଯାପନୀ ଉତ୍ସବରେ କ୍ରୀଡା ସଂସଦ ସଂପାଦକ ଦୋଳଗୋବିନ୍ଦ ଦାଶ, ଉପସଭାପତି ଶ୍ରୀକାନ୍ତ ଚୌଧୁରୀ,ସାଧୁ ଚରଣ ମହାନ୍ତି, ପ୍ରସନ୍ନ କୁମାର ମହାନ୍ତି ଓ ଜିଲ୍ଲା କ୍ରୀଡା ଅଧିକାରୀ ବିଶ୍ୱବିଜୟିନୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ବିଜୟୀ ଦଳଙ୍କୁ ଟ୍ରଫି ପ୍ରଦାନ କରିଥିଲେ ଓ କ୍ରୀଡ଼ା ପରିଚାଳନାରେ କ୍ରୀଡ଼ା ଶିକ୍ଷକମାନେ ସହଯୋଗ କରିଥିଲେ।

## ରଘୁନାଥ ସାହୁଙ୍କୁ ଚେଲିତୋଳ ସାରସ୍ୱତ ସମ୍ମାନ

ଜଗତସିଂହପୁର,୩୦।୪(ସମିସ): ରାଜ୍ୟର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ଚେଲିତୋଳ କଲଚରାଲ ଏକାଡେମୀର ବାର୍ଷିକ ଉତ୍ସବ ଅବସରରେ କଟକ ସାରଳା ଭବନ ଠାରେ କୁଜଙ୍ଗ ମାଟିର ପୁଅ ନାଟ୍ୟକାର ଡକ୍ଟର ରଘୁନାଥ ଉପସ୍ଥିତିରେ ଭବ୍ୟ ଉତ୍ସବରେ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଉତ୍ସବକୁ ସଂଯୋଜନା କରିଥିଲେ ଅନୁଷ୍ଠାନ ମୁଖ୍ୟ ଡକ୍ଟର ଇଂ.ପ୍ରଭାକର ସ୍ୱାଇଁ ଓ ଅଧକ୍ଷତା କରିଥିଲେ ପ୍ରଫେସର ଡା.ନିମାଇଁ ଚରଣ ପରିଜା କ୍ଷ ପ୍ରକାଶ ଯେ , ସମ୍ମାନ ଗ୍ରହଣ



ସାହୁଙ୍କୁ ରାମଚନ୍ଦ୍ର ଦଳେଇ ଚେଲିତୋଳ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଛି କ୍ଷ ମୁଖ୍ୟ ଅତିଥି ଜଷ୍ଟିସ ଶଶିକାନ୍ତ ମିଶ୍ର, ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ, ସମ୍ମାନିତ ଅତିଥି କର୍ଣ୍ଣଲ ସତ୍ୟବ୍ରତ ସ୍ୱାଇଁ, ପ୍ରଫେସର ଡାକ୍ତର ନିରଞ୍ଜନ ତ୍ରିପାଠୀଙ୍କ କରିଥିବା ନାଟ୍ୟକାର ଶ୍ରୀ ସାହୁଙ୍କର ଏଯାବତ ଛୟାଳିଶିଟି ପୁସ୍ତକ ପ୍ରକାଶିତ ହୋଇ ସାହିତ୍ୟର ବିଭିନ୍ନ ବିଭାଗକୁ ସମୃଦ୍ଧି କରିଛି କ୍ଷ ସେ ସାରସ୍ୱତ ଅନୁଷ୍ଠାନ ପ୍ରିୟବନ୍ଧୁ ସାହିତ୍ୟ ଏକାଡେମୀର ଅଧକ୍ଷ। ଏଥିସହିତ କଟକ ଉତ୍କଳ ସାହିତ୍ୟ ସମାଜର କାର୍ଯ୍ୟ ନିର୍ବାହିକା ସମିତି ସଦସ୍ୟ ଭାବେ ଦାୟିତ୍ୱ ତୁଲାଉଛନ୍ତି କ୍ଷ ତାଙ୍କ ସଫଳତା ପାଇଁ କବି ପୀତାମ୍ବର ତରାଇ, କଟକ ଉତ୍କଳ ସାହିତ୍ୟ ସମାଜ ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ, ସାଧାରଣ ସମ୍ପାଦକ ରାଜୀବ ଷଡ଼ଙ୍ଗୀ, ପ୍ରିୟବନ୍ଧୁ ପତ୍ରିକା ସମ୍ପାଦିକା ଡକ୍ଟର ରୋଜାଲିନ, କୁଜଙ୍ଗ ପ୍ରେସ୍ କ୍ଳବ ସମ୍ପାଦକ ଦୁଷ୍ମନ୍ତ ମାଝୀ, ଶିକ୍ଷାବିତ ବିଭୂତି ଦାସ, ଡକ୍ଟର ଗଙ୍ଗାଧର ସାମନ୍ତରାୟ, ଡକ୍ଟର କେଶବ ଦଳେଇ, ଜୟନ୍ତୀ ଦାସ ଓ ପ୍ରଭାତୀ ମାଝୀ ପ୍ରମୁଖଙ୍କ ସମେତ ବହୁ ଅନୁଷ୍ଠାନ ମୁଖ୍ୟ ଅଭିନନ୍ଦନ ଜଣାଇଛନ୍ତି।

## ଦାମ ରାଉତଙ୍କ ପ୍ରତିମୂର୍ତ୍ତି ଭଙ୍ଗା ଘଟଣା

# ବିଚାର ବିଭାଗୀୟ ତଦନ୍ତ ଦାବି

କୁଜଙ୍ଗ,୩୦।୪(ସମିସ)

ଦୀର୍ଘ ଅର୍ଦ୍ଧ ଶତାବ୍ଦୀ ଧରି ରାଜ୍ୟ ରାଜନୀତିକୁ ପ୍ରଭାବିତ କରି ଜନ ମାନସରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ତଥା ଓଡ଼ିଶାର ବରପୁତ୍ର ବିଜୁ ପଟ୍ଟନାୟକଙ୍କ ସହଯୋଗୀ ଡାକ୍ତର ଦାମୋଦର ରାଉତଙ୍କ ପ୍ରତିମୂର୍ତ୍ତି ଭଙ୍ଗା ଘଟଣାର ବିଚାର ବିଭାଗୀୟ ତଦନ୍ତ ପାଇଁ ପୂର୍ବତନ ଜିଲ୍ଲା ବିଜେଡି ଉପସଭାପତି କବି ପୀତାମ୍ବର ତରାଇ ଦାବି କରିଛନ୍ତି। ଡାକ୍ତର ରାଉତ କେବଳ ଅବିଭକ୍ତ ଏରସମା ନୁହେଁ ସମଗ୍ର ରାଜ୍ୟର ଜନସାଧାରଣଙ୍କ ପାଖରେ ଜଣେ ଦକ୍ଷ ଓ ପ୍ରଭାବଶାଳୀ ରାଜନୀତିଜ୍ଞ ଭାବରେ ନିଜକୁ ଉପସ୍ଥାପିତ କରିବା ସହିତ ନୂତନ ଓଡ଼ିଶା ଗଠନରେ ନିଜ୍ଜ ଉତ୍ସର୍ଗିତ ଭୂମିକାକୁ ଅଣଦେଖା କରିହେବ ନାହିଁ। ବିଜୁ ପଟ୍ଟନାୟକ ସରକାର ସମୟରେ ପ୍ରଥମ କରି ପଞ୍ଚାୟତିରାଜ ମନ୍ତ୍ରୀ ଭାବରେ ପଞ୍ଚାୟତିରାଜ ବ୍ୟବସ୍ଥାର ପରିବର୍ତ୍ତନ କରି ଗ୍ରାମ୍ୟ ଜନ ଜୀବନର ସୁଖ



ସମୃଦ୍ଧି ଓ ପ୍ରଗତିର ଯେଉଁ ଭିତ୍ତିଭୂମି ପ୍ରତିଷ୍ଠା କରି ଯାଇଛନ୍ତି ତାହା ଆଜିର ଓଡ଼ିଶା ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇ ରହିଛି। ମହାବାତ୍ୟା ପରବର୍ତ୍ତୀ ସମୟରେ ଅବିଭକ୍ତ ଉଜୁଡା ଏରସମାକୁ ସଜାଡିବାରେ ତାଙ୍କର ତ୍ୟାଗ ନିଷ୍ଠା ଶ୍ରମକୁ ଲୋକେ ଭୁଲି ନାହାନ୍ତି। ଏହିଭଳି ଜଣେ ଯୋଗଜନ୍ମା ବରପୁତ୍ରଙ୍କ ପ୍ରତିମୂର୍ତ୍ତି ଶିଆଳୀ ଠାରେ ଉନ୍ମୋଚନ ପୂର୍ବରୁ ଜଙ୍ଗଲ ପ୍ରଶାସନ ଅମାନବିକ ଭାବରେ ଭାଙ୍ଗି ଦେଇଥିବାରୁ ଶ୍ରୀ ତରାଇ ଦୃଢ଼ ଭାବରେ ନିନ୍ଦା କରିଛନ୍ତି। ପ୍ରତିମୂର୍ତ୍ତି ସୁରକ୍ଷିତ ଅଛି ବୋଲି ରାଜନଗର ଡିଏଫ୍‌ଓ ଗଣମାଧ୍ୟମ ସମ୍ମୁଖରେ ଯେଉଁ ସ୍ପଷ୍ଟୀକରଣ ଦେଇଛନ୍ତି ତାହାକୁ ତୁରନ୍ତ ସର୍ବସାଧାରଣରେ ପ୍ରଦର୍ଶିତ କରନ୍ତୁ ବୋଲି ସେ ଦାବି କରିଛନ୍ତି। ପ୍ରତିମୂର୍ତ୍ତି ଭଙ୍ଗା ଘଟଣାରେ କାହାର ଷଡ଼ଯନ୍ତ୍ର ନିହିତ ଅଛି, ବିଚାର ବିଭାଗୀୟ ତଦନ୍ତ ହେଲେ ବାସ୍ତବ ଘଟଣା ଲୋକଲୋଚନକୁ ଆସିବା ସହିତ ଷଡ଼ଯନ୍ତ୍ରକାରୀଙ୍କ ମୁଖା ଖୋଲିଯିବ ବୋଲି ସେ କହିଛନ୍ତି।

## ଆଜିଠୁ ରାଜ୍ୟସ୍ତରୀୟ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ

ପାରାଦୀପ,୩୦।୪(ସମିସ): ପାରାଦୀପ ଅଞ୍ଚଳର ପ୍ରମୁଖ କ୍ରୀଡ଼ା ଅନୁଷ୍ଠାନ ପାରାଦୀପ କ୍ରିକେଟ କ୍ଲବ୍ ପକ୍ଷରୁ ରାଜ୍ୟସ୍ତରୀୟ ଆମନ୍ତ୍ରଣ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆସନ୍ତା କାଲି ପାରାଦୀପ ଗୋପବନ୍ଧୁ ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଯାଉଛି। ଏ ନେଇ ପାରାଦୀପ କ୍ରିକେଟ କ୍ଲବ ତରଫରୁ ଗୋପବନ୍ଧୁ କ୍ରିକେଟ ଷ୍ଟାଡିୟମ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ରେ ପାରାଦୀପ କ୍ରିକେଟ କ୍ଲବ ତରଫରୁ ବିସ୍ତୃତ ସୂଚନା ପ୍ରଦାନ କରାଯାଇଛି। ଆସନ୍ତାକାଲି ତା ୩୦ ତାରିଖ




ଠାରୁ ୩ ତାରିଖ ଚାରିଦିନ ଧରି ଦୈନନ୍ଦିନ ୩ ଘଟିକା ଠାରୁ ମ୍ୟାଚ ଆରମ୍ଭ ହେବ, ଦୁଇଟି ସେସନ ରେ ଦୁଇଟି ମ୍ୟାଚ ଖେଳାଯିବା ନେଇ ଆୟୋଜକ କମିଟି ତରଫରୁ ସୂଚନା ମିଳିଛି କ୍ଷ ଏହି ଟୁର୍ଣ୍ଣାମେଣ୍ଟ ରେ ଭାମଣ୍ଡା କେନ୍ଦ୍ରାପଡ଼ା, ୟୁନିକ ଇଲେଭେନ ଭଦ୍ରକ, ୟୁନିୟନ ସ୍ପୋର୍ଟିଂ କଟକ, ରାଇଜିଙ୍ଗ ଷ୍ଟୁଡେଣ୍ଟ କଟକ, ତମାଣ୍ଡୋ ଭୁବନେଶ୍ୱର, ୟୁ ଆଣ୍ଡ ମି ବାଲେଶ୍ୱର, ଜୁଭେନାଇଲ କଟକ ସହିତ ଆୟୋଜକ କ୍ରିକେଟ କ୍ଲବ ପିସିସି ପାରାଦୀପ କୁ ମିଶାଇ ୮ ଟି ଟିମ ଭଗନେଉଥିବା ନେଇ ଆୟୋଜକଙ୍କ ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ଆସନ୍ତାକାଲି ଗୁରୁବାର ୩ ଘଟିକା ସମୟରେ ପାରାଦୀପ ଗୋପବନ୍ଧୁ ଷ୍ଟାଡିୟମରେ ୨୬ ତମ ସଂସ୍କରଣ ଦିବାରାତ୍ର ଡିୟୁଜବଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟନ ହେବ। ପାରାଦୀପ ଓ ନିକଟବର୍ତ୍ତୀ ଅଞ୍ଚଳର କ୍ରୀଡ଼ାବିତ ଓ ଦର୍ଶକମାନେ ଯୋଗଦେବା ସହିତ ଏହି ଦିବାରାତ୍ର ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ମଜା ନେବାକୁ ନିବେଦନ କରିଛନ୍ତି ଆୟୋଜକ କମିଟି କ୍ଷଚମ୍ପିୟାନ ଟିମ ପାଇଁ ୮୦ ହଜାର ଓ ରନର୍ସ ଅପ ଟିମ ପାଇଁ ୬୦ ହଜାର ଟଙ୍କା ସହିତ ଟ୍ରଫି ଦିଆଯିବା ନେଇ ଆୟୋଜକଙ୍କ ପକ୍ଷରୁ ସ୍ଥିର କରାଯାଇଛି।

# ବିଦ୍ୟୁତ୍ ଖୁଣ୍ଟ ବଦଳାଇଲା ବିଭାଗ



'ସକାଳ' ପ୍ରଭାବ

ମହାକାଳପଡ଼ା, ୩୦।୪(ସମିସ): ମହାକାଳପଡ଼ା ବ୍ଲକ ଅଧୀନ ରାଜଗଡ଼ ପଞ୍ଚାୟତ ଅନ୍ତର୍ଗତ ନଛିପଡ଼ା ଗ୍ରାମରେ ବିଦ୍ୟୁତ୍ ଖୁଣ୍ଟଗୁଡିକ ବିପର୍ଯ୍ୟସ୍ତ ହୋଇପଡ଼ିଥିଲା। ପୁରୁଣା ଲୁହା ଖୁଣ୍ଟ ମୂଳ କଳଙ୍କି ଲାଗି କଣା ହୋଇଯାଇଥିବାରୁ ସମ୍ଭାବ୍ୟ ଦୁର୍ଘଟଣା ନେଇ ଗ୍ରାମର ଲୋକେ ଆଶଙ୍କାରେ ଥିଲେ। ଏ ନେଇ ଲୋକେ ଅଭିଯୋଗ କରୁଥିଲେ ମଧ୍ୟ ବିଦ୍ୟୁତ୍ ବିଭାଗ କର୍ଣ୍ଣପାତ କରୁ ନ ଥିଲା। ଏ ନେଇ ଡିସେମ୍ବର ୧୪ ତାରିଖରେ 'ସକାଳ' ଖବରକାଗଜରେ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ବିଭାଗ ପକ୍ଷରୁ ବିପର୍ଯ୍ୟସ୍ତ ଖୁଣ୍ଟ ହଟାଇ ନୂତନ ବିଦ୍ୟୁତ ଖୁଣ୍ଟ ବସାଇଛି ବିଦ୍ୟୁତ ବିଭାଗ। ଏହି କାର୍ଯ୍ୟ ପରେ ଗ୍ରାମବାସୀ 'ସକାଳ'କୁ ଧନ୍ୟବାଦ ଜଣାଇଛନ୍ତି।

● ଫାସିଲିଟି ସେଣ୍ଟରର ନିମ୍ନମାନର କାମକୁ ବିରୋଧ

# ମହିଳା ପକାଇଥିଲେ ତାଲା, ୧୭ ଦିନ ପରେ ଖୋଲିଲା

ରାଜକନିକା, ୩୦।୪(ସମିସ): ରାଜକନିକା ବ୍ଲକ ହାଟସାହି ପଞ୍ଚାୟତରେ ଏକ ଫାସିଲିଟି ସେଣ୍ଟର ନିର୍ମାଣ କାମ ସରପଞ୍ଚଙ୍କ ଅଗୋଚରେ କରାଯିବା ଓ ଏହି କାମ ନିମ୍ନମାନର ଅଭିଯୋଗ କରି ସ୍ଥାନୀୟ ମହିଳା ତାଲା ପକାଇ ରଖିଥିଲେ। ଆଜି ପ୍ରଶାସନ ପକ୍ଷରୁ ଏହି ତାଲା ଖୋଲାଯାଇଛି। ସମ୍ପୃକ୍ତ ପଞ୍ଚାୟତର କୌଣସି କାର୍ଯ୍ୟ ହୋଇ ନ ପାରିବାରୁ ପିଇଓଙ୍କ ଲିଖିତ ଅଭିଯୋଗ ଆଧାରରେ ରାଜକନିକା ବିଡିଓ ଆଜି



ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଆଲୋଚନା କରି ତାଲା ଖୋଲିଛନ୍ତି। ସରପଞ୍ଚ ଓ ଜେଇଙ୍କ ସହ ଆସନ୍ତା ୨ ତାରିଖରେ ଆଲୋଚନା କରି ଏହି ଫେସିଲିଟି ସେଣ୍ଟର ନିର୍ମାଣ ନେଇ ଚୂଡାନ୍ତ ହେବ ବୋଲି ବିଡିଓ ସୂଚନା ଦେଇଛନ୍ତି। ଆଜି ଏହି ତାଲା ଖୋଲିବା ପାଇଁ ନୋଟିସ ହେବା ସହ ପ୍ରଶାସନ ପୁଲିସ ଉପସ୍ଥିତିରେ ତାଲା ଖୋଲାଯାଇଛି। ମହିଳାଙ୍କ ଅଭିଯୋଗ ଅନୁଯାୟୀ, ପଞ୍ଚାୟତରେ ଉନ୍ନତିମୂଳକ କାର୍ଯ୍ୟ ହେଉଛି, କିନ୍ତୁ ସରପଞ୍ଚ ଜାଣିନାହାନ୍ତି। ନିମ୍ନମାନର କାମ କରି ଟଙ୍କା ହରିଲୁଟ୍ କରିବାକୁ ଉଦ୍ୟମ ହେଉଥିବା ଅଭିଯୋଗ କରି ୧୭ ଦିନ ହେବ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପଡ଼ିଥିଲା।

# ଐତିହାସିକ ପ୍ରତାପ ରାୟଙ୍କୁ ଶ୍ରଦ୍ଧାଞ୍ଜଳି

କେନ୍ଦ୍ରାପଡ଼ା, ୩୦।୪(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଇତିହାସ ରଚୟିତା ସ୍ୱର୍ଗତ ପ୍ରତାପ କୁମାର ରାୟଙ୍କ ପୂଣ୍ୟତିଥି ଗରାପୁରସ୍ଥ ଶ୍ରୀଗୋପାଳଜୀଉ ମନ୍ଦିର ପରିସରରେ ପାଳିତ ହୋଇଯାଇଛି। ସାମ୍ବାଦିକ ସୁଦର୍ଶନ ମହାପାତ୍ରଙ୍କ ସଭାପତିତ୍ୱ ଓ ଅଧ୍ୟାପକ ମୁରଲୀଧର ରଥଙ୍କ ପରିଚାଳନାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ବ୍ରାହ୍ମଣସଭାର ଜିଲ୍ଲା ସଭାପତି ପଣ୍ଡିତ ହୃଷିକେଶ ରଥ ମୁଖ୍ୟଅତିଥି ଭାବେ ଯୋଗଦେଇ ମାନବ ଜାତିର ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ବହୁ ତଥ୍ୟମୂଳକ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ବ୍ରାହ୍ମଣସଭାର ଜିଲ୍ଲା ଉପସଭାପତି ହରେକୃଷ୍ଣ ପତି, ବାଇମୁଣ୍ଡି ସାହିତ୍ୟ ସଂସ୍କୃତି ପରିଷଦର ଦୀନବନ୍ଧୁ ସାହୁ, ଅଭିମନ୍ୟୁ ସାମନ୍ତସିଂହାର କଲେଜ ଅଧ୍ୟାପକ ଦୀପକ ଓଝା, ଶାନ୍ତନୁ ଦାଶ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ରାୟଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଶ୍ରେୟାଶ୍ରୀ ଦାଶ, ବର୍ଷା ପ୍ରିୟଦର୍ଶିନୀ ଦାଶ, ଦୀପ୍ତିମୟୀ ଗାହାଣ, ସାଇଶ୍ରଦ୍ଧା ବେହେରା, ତପସ୍ୱିନୀ ଶତପଥୀ ପ୍ରମୁଖ ନୃତ୍ୟ ପରିବେଷଣ କରିଥିଲେ। ପ୍ରଦ୍ୟୁମ୍ନ ମଲ୍ଲିକ ହନୁମାନ ନୃତ୍ୟ ପରିବେଷଣ କରିଥିଲେ। ୪୦ ଜଣ କବି ସ୍ୱରଚିତ କବିତା ପାଠ କରିଥିଲେ। ବାଲିଆ ବଜାର କମିଟି ସଭାପତି ପ୍ରମୋଦ ସାହୁଙ୍କୁ ସମାଜସେବୀ ସାରସ୍ୱତ ସମ୍ମାନ ଓ ଅଧ୍ୟାପକ ମୁରଲୀଧର ରଥଙ୍କୁ କେନ୍ଦ୍ରାପଡ଼ା ସାରସ୍ୱତ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଭୀମସେନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ରାଜକନିକା, ୩୦।୪(ସମିସ): ରାଜକନିକା ବ୍ଲକ ଗୋପାଳପୁର ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘ ୨୩ ବର୍ଷ ଶିକ୍ଷକତା କରିଆସୁଥିବା ଶିକ୍ଷକ ଅଜୟ କୁମାର ନାୟକଙ୍କୁ ଆଜି ଅବସର ଦିନରେ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ସ୍କୁଲରେ ୨୦୦୩ ଅଗଷ୍ଟ ୮ ତାରିଖରେ ଚାକିରି ଆରମ୍ଭ କରିଥିବା ଶ୍ରୀ ନାୟକ ୨୦୧୭ରେ କନପୁର ସ୍କୁଲକୁ ବଦଳି ହେବା ସହ ୨୦୨୧ରେ ପେଗରପଡ଼ା କ୍ଲଷ୍ଟରର ସିଆରସିସି ହୋଇ ଆଜି ଅବସର ନେଇଥିବାରୁ ତାଙ୍କୁ ବିଦ୍ୟାଳୟ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି।

# ପ୍ରଭୁ ନୃସିଂହଙ୍କ ଜନ୍ମୋତ୍ସବ

ଡେରାବିଶ, ୩୦।୪(ସମିସ): ବୈଶାଖ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ଭଗବାନ ଶ୍ରୀନୃସିଂହଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଚାନ୍ଦୋଳସ୍ଥ ପ୍ରଭୁ ନୃସିଂହଙ୍କ ପୀଠରେ ନୃସିଂହଙ୍କ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ପ୍ରାତଃରେ ମଙ୍ଗଳ ଆଳତି ପରେ ଶ୍ରଦ୍ଧାଳୁ ଶ୍ରୀଜିଉଙ୍କୁ ଦର୍ଶନ ପାଇଁ ଭିଡ ଜମାଇଥିଲେ। ପୂର୍ବାହ୍ନରୁ ମନ୍ଦିର ବେଢ଼ାରେ ଏଥିପାଇଁ ହୋମ, ଯଜ୍ଞ, ଭଜନ କୀର୍ତ୍ତନ ଓ ନାମଯଜ୍ଞ ପୀଠକୁ ଭକ୍ତିମୟ କରିଥିଲା। ପ୍ରଭୁଙ୍କ ଦର୍ଶନ ପାଇଁ ଚାନ୍ଦୋଳ ଗ୍ରାମ ସମେତ ପଡ଼ୋଶୀ ଗ୍ରାମର ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଭିଡ଼ ଲଗାଇଥିଲେ। ସନ୍ଧ୍ୟାରେ ଶ୍ରୀଜିଉଙ୍କ ବେଢ଼ାରେ ସନ୍ଧ୍ୟା ଆଳତି ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥିଲା। ସେହିପରି ଖମୋଳ ପଞ୍ଚାୟତ ଅନ୍ତର୍ଗତ ଡାଳିଜି ଓ ଚାଟରାଚକଡ଼ା ପଞ୍ଚାୟତ ଅନ୍ତର୍ଗତ ଚାଟରା ଶାସନଠାରେ ଥିବା ଶ୍ରୀନୃସିଂହଙ୍କ ପୀଠ ଚଳଚଞ୍ଚଳ ହୋଇଉଠିଛି।

# ୬୨ ବର୍ଷରେ ଡାଏଣିଗିରି ଗାଁ ନୃସିଂହ ପୂଜା

ରାଜକନିକା, ୩୦।୪(ସମିସ): ଭକ୍ତ ପ୍ରହ୍ଲାଦଙ୍କ ପାଇଁ ଭଗବାନଙ୍କ ଅବତାର ସାଜି ଖମ୍ବ ଭିତରୁ ଆବିର୍ଭାବ ହୋଇଥିବା ପ୍ରଭୁ ନୃସିଂହଙ୍କ ପରାକ୍ରମକୁ ସାର୍ବଜନୀନ କରିବା ଉଦ୍ଦେଶ୍ୟରେ ରାଜକନିକା ବ୍ଲକ ଡାଏଣିଗିରି ଗାଁରେ ୧୯୬୪ରୁ ନୃସିଂହ ପୂଜା ହୋଇଆସୁଛି। ପ୍ରତିବର୍ଷ ନୃସିଂହ ଚତୁର୍ଦ୍ଦଶୀ ତିଥିରେ ପୂଜା ଆରମ୍ଭ ହୋଇ ତିନିଦିନ ବ୍ୟାପୀ ଏହି ପୂଜା ସ୍ଥାନୀୟ ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଛି। ଏହି ପୂଜା ୨ ତାରିଖରେ ଶେଷ ହେବ। ତେବେ କନିକାର ଗଞ୍ଜା ଗ୍ରାମର ଆରାଧ୍ୟ ଦେବ ପ୍ରଭୁ ନୃସିଂହନାଥଙ୍କ ପୀଠରେ ଜନ୍ମଉତ୍ସବ ସହ ଡାଏଣିଗିରିରେ ମୃଣ୍ମୟ ମୂର୍ତ୍ତିର ନୃସିଂହ ଦେବଙ୍କ ପୂଜା ବେଶ ସ୍ୱତନ୍ତ୍ର ରହିଛି।

କାଉପଡ଼ା ପଞ୍ଚାୟତ ୨ନଂ ୱାର୍ଡବାସୀ ପାନୀୟଜଳ ପାଇବାରୁ ବଞ୍ଚିତ

# ବିଭାଗୀୟ ଅଧିକାରୀଙ୍କୁ ଘେରିଲେ ଗ୍ରାମବାସୀ

ଡେରାବିଶ, ୩୦।୪(ସମିସ)



ଅନଧିକୃତ ପାଇପ ସଂଯୋଗକାରୀଙ୍କ ବିରୋଧରେ ବିଭାଗୀୟ ଅଧିକାରଙ୍କ ଥାନାରେ ଅଭିଯୋଗ

ଏବେ ପ୍ରବଳ ଗ୍ରୀଷ୍ମପ୍ରବାହ ସାଙ୍ଗକୁ ଅସହ୍ୟ ଗୁଳୁଗୁଳିରେ ଉପକୂଳବର୍ତ୍ତୀ କେନ୍ଦ୍ରାପଡ଼ା ଜିଲ୍ଲାର ଅଧିବାସୀ ତହଳବିକଳ ହେଉଥିବାବେଳେ ପାନୀୟ ଜଳ ସମସ୍ୟା କେତେକ ଅଞ୍ଚଳବାସୀଙ୍କ ସମସ୍ୟାକୁ ଦ୍ୱିଗୁଣିତ କରିଛି। ଏଭଳି ଘଟଣା ଡେରାବିଶ ବ୍ଲକ କାଉପଡ଼ା ପଞ୍ଚାୟତ ଅନ୍ତର୍ଗତ ୨ନଂ ୱାର୍ଡର କାଉପଡ଼ା ଗ୍ରାମରେ ଦେଖିବାକୁ ମିଳିଛି। ଦୀର୍ଘଦିନ ହେବ ଗ୍ରାମରେ ଥିବା ନଳକୂପ ଅଚଳ ହୋଇପଡ଼ିଥିବାବେଳେ କାଉପଡ଼ାରେ ଥିବା ଓଭରହେଡ୍ ଟାଙ୍କିରୁ ଏହି ୱାଡିର ଅଧିବାସୀ ପାନୀୟଜଳ ପାଇବାରୁ ସମ୍ପୂର୍ଣ୍ଣ ବଞ୍ଚିତ ହେଉଥିବା ନେଇ ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ ସରପଞ୍ଚଙ୍କ ନିକଟରେ ମନୋଜ ମଲିକ, ଉମେଶ ମଲିକ, ପ୍ରଫୁଲ୍ଲ ମଲିକ, ଜିତେନ୍ଦ୍ର ମଲିକ ପ୍ରମୁଖ ଅଭିଯୋଗ କରିଥିବା କହିଛନ୍ତି। ଗ୍ରାମରେ ସଚଳ ଥିବା ଗୋଟିଏ ନଳକୂପରୁ ଲୋକମାନେ ପାନୀୟ ଜଳ ସଂଗ୍ରହ କରୁଥିଲେ। ସେହି ନଳକୂପ ଗତ ୩/୪ ଦିନ ହେବ ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଛି। ପାଣି ପାଇଁ ଗ୍ରାମବାସୀ କଳବଲ ହେଉଥିବା ଗ୍ରାମର ପ୍ରତୀମା ଦାସ, ଡଲି ମଲିକ, ମୁନି ସେଠୀ, ସରସ୍ୱତୀ ସେଠୀ ପ୍ରମୁଖ ପ୍ରକାଶ କରିଛନ୍ତି। ଏ ଖବର ପାଇ କେନ୍ଦ୍ରାପଡ଼ା ଗ୍ରାମ୍ୟ ପାନୀୟଜଳ ଯୋଗାଣ ବିଭାଗ ନିର୍ବାହୀ ଯନ୍ତ୍ରୀ ସୁଜିତ ଲୁଗୁନ, ବ୍ଲକ ସହକାରୀ ଯନ୍ତ୍ରୀ ବିଭୁଦତ୍ତ ଦାଶଙ୍କୁ ଧରି ଘଟଣା ସ୍ଥଳରେ ପହଞ୍ଚିଥିଲେ। ଏ ସୂଚନା ପାଇ ପାନୀୟଜଳରୁ ବଞ୍ଚିତ ଥିବା ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କ ଗାଡ଼ିକୁ ଘେରଉ କରି ରଖିବା ସହ ତୁରନ୍ତ ଏହି ୱାର୍ଡ଼କୁ ପାନୀୟଜଳ ଯୋଗାଇବାକୁ ଜିଦ୍ ଧରି ବସିଥିଲେ। ଓଭରହେଡ୍ ଟାଙ୍କିରୁ ଗ୍ରାମକୁ ଯାଇଥିବା ମୁଖ୍ୟ ପାଇପକୁ ମରାମତି କରିବା ପାଇଁ ନିର୍ବାହୀ ଯନ୍ତ୍ରୀ ବିଭାଗୀୟ ଠିକାଦାରଙ୍କୁ ଘଟଣାସ୍ଥଳକୁ ଡକାଇଥିଲେ। ଏହି ମୁଖ୍ୟ ପାଇପରୁ ଅନଧିକୃତ ଭାବେ ଗ୍ରାମର ଜଣେ ବ୍ୟକ୍ତି ଏକ ମୋଟା ପାଇପକୁ ସଂଯୋଗ କରି ନିକଟରେ ଥିବା ଏକ ପାର୍କ ଓ ମନ୍ଦିରକୁ ପାଣି ନେଉଥିବାରୁ ଗ୍ରାମବାସୀ ପାନୀୟ ଜଳରୁ ବଞ୍ଚିତ ହେଉଥିବା ନିର୍ବାହୀ ଯନ୍ତ୍ରୀ ଦେଖିବା ପରେ ସମ୍ପୃକ୍ତ ଅନଧିକୃତ ପାଇପକୁ ବିଚ୍ଛିନ୍ନ କରିବାକୁ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମ୍ପୃକ୍ତ ବ୍ୟକ୍ତି ଜଣକ ଏହି ପାଇପକୁ କୌଣସି ପରିସ୍ଥିତିରେ ବିଚ୍ଛିନ୍ନ କରାଇ ଦେବେନାହିଁ ବୋଲି ଜିଦ୍ ଧରିଥିଲେ। ବାଧ୍ୟ ହୋଇ ନିର୍ବାହୀଯନ୍ତ୍ରୀ ଶ୍ରୀ ଲୁଗୁନ୍ ସମ୍ପୃକ୍ତ ଗ୍ରାମକୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦେବାକୁ ବିଭାଗୀୟ ସହକାରୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେବା ସହ ଅନଧିକୃତ ଭାବେ ମୁଖ୍ୟ ପାଇପରୁ ସଂଯୋଗ ନେଇଥିବା ବ୍ୟକ୍ତିଙ୍କ ବିରୋଧରେ ଡେରାବିଶ ଥାନାରେ ନିର୍ବାହୀ ଯନ୍ତ୍ରୀ ଏକ ଲିଖିତ ଅଭିଯୋଗ କରିଛନ୍ତି।

ଏ ସମ୍ପର୍କରେ ବିଭାଗୀୟ ସହକାରୀ ଯନ୍ତ୍ରୀ ବିଭୁଦତ୍ତ ଦାଶ କହିଛନ୍ତି, ବର୍ତ୍ତମାନ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ଗ୍ରାମରେ କିପରି ପାନୀୟଜଳ ସାଧାରଣ ଲୋକେ ପାଇବାରେ ଅସୁବିଧା ନ ହୁଏ, ସେ ଦିଗରେ ବିଭାଗ ଯତ୍ନବାନ ଅଛି। ମାତ୍ର ଗ୍ରାମର କେତେକ ଅସାଧୁ ବ୍ୟକ୍ତିଙ୍କ ପାଇଁ ସାଧାରଣ ଲୋକ ପାନୀୟଜଳ ସମସ୍ୟା ଭୋଗୁଛନ୍ତି। ଜଳକ୍ଲିଷ୍ଟ ସମ୍ପୃକ୍ତ ଗ୍ରାମରେ ଥିବା ଅଚଳ ନଳକୂପ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରାଯାଇଥିବା ଓ ଏହି ଗ୍ରାମକୁ ତୁରନ୍ତ ପାଇପ୍ ଯୋଗେ ପାନୀୟ ଜଳ ପହଞ୍ଚାଇବା ପାଇଁ ସବୁପ୍ରକାର ଉଦ୍ୟମ ଜାରି ରହିଥିବା କହିଛନ୍ତି। ସରପଞ୍ଚ ପ୍ରତାପ ବେହେରାଙ୍କୁ ପଚାରିବାରୁ ପଞ୍ଚାୟତ ନିକଟରେ ଥିବା ପାର୍କ କିମ୍ବା ମନ୍ଦିରକୁ ପାଣି ପାଇପ୍ ସଂଯୋଗ ହୋଇଥିବା ନେଇ ସେ ଆଦୌ ଜାଣି ନ ଥିବା କହିଛନ୍ତି। ଏହି ପାର୍କ ପଞ୍ଚାୟତର ହୋଇଥିବାବେଳେ ମନ୍ଦିର ମଧ୍ୟ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ରହିଛି। ସରପଞ୍ଚ କିପରି ଏହି ଅନଧିକୃତ ସଂଯୋଗ ବିଷୟରେ ଜାଣିପାରିଲେନି ସେ ନେଇ ଗ୍ରାମବାସୀ ଚକିତ ହୋଇଛନ୍ତି।

● ବଜାର ଓ ରାଏତୁଣ୍ଡି ଗ୍ରାମରେ ପାଣି ସମସ୍ୟା

# ରାଏତୁଣ୍ଡି ଗ୍ରାମକୁ ଟ୍ୟାଙ୍କରରେ ପିଇବା ପାଣି ଯୋଗାଇଲା ପ୍ରଶାସନ




'ସକାଳ' ପ୍ରଭାବ

ପଞ୍ଚୁପାଣ୍ଡବ, ୩୦।୪(ସମିସ): ଡେରାବିଶ ବ୍ଲକ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ବଜାର ଗାଁ ଓ ଆଦର୍ଶ ଗାଁ ରାଏତୁଣ୍ଡି ଗ୍ରାମରେ ପାଣି ପାଇଁ ହଜାର ହଜାର ଲୋକ ଦୀର୍ଘବର୍ଷ ଧରି ହନ୍ତସନ୍ତ ହେଉଥିବା ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ଏ ଖବର ଦୈନିକ 'ସକାଳ' ଖବରକାଗଜରେ ଗତ ଗୁରୁବାର ପ୍ରକାଶ ପାଇଥିଲା। ଏହି ଖବର ପ୍ରସାରିତ ହେବା ପରେ ବ୍ଲକ ପ୍ରଶାସନ ପକ୍ଷରୁ ରାଏତୁଣ୍ଡି ଗ୍ରାମକୁ ପାଣି ଟ୍ୟାଙ୍କର ଯୋଗେ ଗ୍ରାମରେ ଦୁଇଦିନ ହେଲା ପାଣି ଯୋଗାଉଥିବା ଅଞ୍ଚଳବାସୀ କହିଛନ୍ତି। ପ୍ରଥମ ଦିନ ପିଇବା ପାଣିର ମାନ ଠିକ୍ ନ ଥିବାରୁ ମହିଳାମାନେ ଅଭିଯୋଗ କରିଥିଲେ। ପରଦିନ ଭଲ ପାଣି ଯୋଗାଉଥିବା ଜଣାପଡ଼ିଛି।

ସ୍ଥାନୀୟ ପଞ୍ଚାୟତର ସଦାନନ୍ଦପୁର ଗ୍ରାମ ଗୋବରୀ ନଦୀ ବ୍ରିଜ ନିକଟରେ ହୋଇଥିବା ବସୁଧା ପାନୀୟଜଳ ଯୋଗାଣ ପ୍ରକଳ୍ପ ମାନ ଠିକ୍ ନ ଥିବାବେଳେ ହାଟ ପଡ଼ିଆରେ ହୋଇଥିବା ଓଭରହେଡ ପାଣି ଟାଙ୍କି ଏହି ଗ୍ରାମକୁ ଅଧିକ ଦୂରତା ଥିବାରୁ ପାଣିର ସମସ୍ୟା ହେଉଥିବା ଅଭିଯୋଗ ହେଉଛି। ଏହି ପାଣି ଟାଙ୍କି ଦୀର୍ଘଦିନ ହେଲା ଶେଷ ହୋଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ଠିକ୍ ଭାବେ ପାଣି ଯୋଗାଇ ପାରୁ ନ ଥିବା ଅଭିଯୋଗ ହେଉଛି। ପାଣି ପାଉ ନ ଥିବାରୁ ମହିଳାମାନେ ଛୋଟ ଛୋଟ ପିଲାଙ୍କୁ ନେଇ ପ୍ରାୟ ଏକ କିଲୋମିଟର ପର୍ଯ୍ୟନ୍ତ ଗାଧୋଇବାକୁ ଯିବାକୁ ପଡୁଥିବାବେଳେ ପିଇବା ପାଣି ପାଇଁ ଏକ ନଳକୂପ ନିକଟରେ ଧାଡ଼ି ହୋଇ ପାଣି ନେଉଥିବା ଦେଖିବାକୁ ମିଳୁଛି। ଖରାଦିନ ପର୍ଯ୍ୟନ୍ତ ପିଇବା ପାଣି ଯୋଗାଇଦେବା ପାଇଁ ଅଞ୍ଚଳର ମହିଳା ଦାବି କରିଛନ୍ତି।

# ଆଳି ସଙ୍କୁଳସ୍ତରୀୟ ସାମୂହିକ ଆଚାର୍ଯ୍ୟ କର୍ମଶାଳା ଉଦ୍‌ଯାପିତ

ଆଳି, ୩୦।୪(ସମିସ): ଆଳି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଚାଲିଥିବା ଆଳି ସଂକୁଳସ୍ତରୀୟ ସାମୂହିକ ଆଚାର୍ଯ୍ୟ କର୍ମଶାଳା ଉଦଯାପନୀ ହୋଇଛି। ବିଦ୍ୟାଭାରତୀ ଓ ଓଡ଼ିଶା ଶିକ୍ଷା ବିକାଶ ସମିତି ସଂକୁଳସ୍ତରୀୟ ଏହି କର୍ମଶାଳାର ଆୟୋଜନ କରିଥିଲେ। ସାହିତ୍ୟିକ ତଥା ଆଳି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସଭାପତି ବନମାଳୀ ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟଶାଳାର ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ କେନ୍ଦ୍ରାପଡ଼ା ଜିଲ୍ଲା କାର୍ଯ୍ୟବାହ ବିରଞ୍ଚି ନାରାୟଣ ମହାପାତ୍ର ଯୋଗଦେଇ କହିଲେ, ମାକଲେଙ୍କଠାରୁ ଆରମ୍ଭ ହୋଇଥିବା ଶିକ୍ଷାନୀତି ପରେ ଅନେକ ଥର ଶିକ୍ଷାନୀତି ପ୍ରଣୟନ ହୋଇଛି। ପ୍ରତ୍ୟେକ ଥର ଭାରତୀୟ ସଂସ୍କୃତିକୁ ଅଣଦେଖା କରାଯାଇଛି। ଏବେ ଚାଲିବାକୁ ଥିବା ଶିକ୍ଷା ନୀତି ସମସ୍ତଙ୍କ ପାଇଁ ଉପଯୋଗୀ ହେବା ସହିତ ଭଲ ମଣିଷଟିଏ ଗଢିବାରେ ସହାୟକ ହେବ ବୋଲି ଆଶା କରାଯାଉଛି। ସୋମବାର ଆରମ୍ଭ ହୋଇଥିବା କର୍ମଶାଳାର ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଆଳି ଯୁକୋ ବ୍ୟାଙ୍କର ଶାଖା ପ୍ରବନ୍ଧକ ସୁରେଶ ସାହୁ, ମୁଖ୍ୟବକ୍ତା ଭାବେ ଓଡ଼ିଶା ଶିକ୍ଷା ବିକାଶ ସମିତିର କେନ୍ଦ୍ରାପଡ଼ା ଜିଲ୍ଲା ପ୍ରମୁଖ କପିଳ ମିଶ୍ର ଓ ସମ୍ମାନିତ ଅତିଥି ଭାବେ ଆଳି ସଂକୁଳ ପ୍ରମୁଖ ପ୍ରଫୁଲ୍ଲ ସୂତାର



ଯୋଗ ଦେଇଥିଲେ। ଉଭୟ କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ତଥା ଆଳି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସମ୍ପାଦକ ସୁଶାନ୍ତ କୁମାର ଦାଶ ସ୍ୱାଗତ ଭାଷଣ ଓ କୃତଜ୍ଞତା ଜ୍ଞାପନ କରିଥିଲେ। ପ୍ରଧାନଆଚାର୍ଯ୍ୟ ତଥା ସଙ୍କୁଳ ସଂଯୋଜକ ଅମର ବାରିକ ଅତିଥି ପରିଚୟ ଓ ସଞ୍ଜୁଲତା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟଶାଳାରେ ଆଳି ସଂକୁଳର ୬ଟି ଶିଶୁ ବିଦ୍ୟାମନ୍ଦିରର ୯୩ ଜଣ ଗୁରୁଜୀ ଓ ଗୁରୁମା ଅଂଶଗ୍ରହଣ କରି ପ୍ରଶିକ୍ଷଣ ନେଇଥିଲେ।

# ଛେଳି ମୃତ୍ୟୁ ଘଟଣା: ବ୍ୟବଚ୍ଛେଦ ପରେ ପରୀକ୍ଷାଗାରକୁ ପଠାଗଲା ଭିସେରା

ଡେରାବିଶ, ୩୦।୪(ସମିସ): କେନ୍ଦ୍ରାପଡ଼ା ସଦର ଥାନା ଅଧୀନ ବରାଙ୍ଗା ଗ୍ରାମରେ ବୁଧବାର ୧୨ଟି ଛେଳିଙ୍କ ମୃତ୍ୟୁ ହୋଇଥିଲା। ଏହି ଛେଳିଗୁଡ଼ିକର ବ୍ୟବଚ୍ଛେଦ କରାଯାଇ ପରୀକ୍ଷାଗାରକୁ ଛେଳିଙ୍କ ଭେସରା ପଠାଯାଇଥିବାବେଳେ ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ବରାଙ୍ଗ ଗ୍ରାମର ଜାନକୀ ଜେନାଙ୍କ ଅଭିଯୋଗ ଅନୁଯାୟୀ ବୁଧବାର ଅପରାହ୍ନରେ ତାଙ୍କ ଛେଳି ସମେତ ଗ୍ରାମର ଅନ୍ୟ କେତେଜଣଙ୍କ ଛେଳି ବିଲରେ ବନ୍ଧା ହୋଇଥିବାବେଳେ ଏକ ଫସଲ କିଆରିରେ ପଶିଯାଇ ବିଷମିଶ୍ରିତ ପାଣି ପିଇଥିଲେ। ଏଥିରେ ୧୨ଟି ଛେଳିର ମୃତ୍ୟୁ ହୋଇଥିବା ଅଭିଯୋଗ କରିଥିଲେ। ଜାନକୀଙ୍କ ସମେତ ଗ୍ରାମର ଅନ୍ୟ ମହିଳା ସ୍ୱୟଂସହାୟିକା ଗୋଷ୍ଠୀରୁ ଦେଢ଼ ଲକ୍ଷ ଟଙ୍କା ଋଣ ଆଣିଥିଲେ। ବିଷାକ୍ତ ପାଣି ପିଇ ଏତେଗୁଡ଼ିଏ ଛେଳିଙ୍କର ମୃତ୍ୟୁ ହେବାରୁ ଏହି ଋଣ ଟଙ୍କା ସେମାନେ କିପରି ପରିଶୋଧ କରିବେ ସେ ନେଇ ଚିନ୍ତାରେ ପଡ଼ିଛନ୍ତି। ମରିଯାଇଥିବା ଛେଳିର ମୂଲ୍ୟ ଦେଢ଼ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଜାନକୀ ଅଭିଯୋଗରେ ଦର୍ଶାଇଛନ୍ତି। ଗ୍ରାମର ଏକ ନିର୍ଦ୍ଦିଷ୍ଟ ପରିବାର ଏହି ଛେଳିଗୁଡ଼ିକୁ ମାରିଥିବା ନେଇ ଜାନକୀ ତାଙ୍କ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ତୁରନ୍ତ ମୃତ ଛେଳି ପାଇଁ ତାଙ୍କୁ କ୍ଷତିପୂରଣ ଦେବା ସହ ତାଙ୍କୁ ନ୍ୟାୟ ପ୍ରଦାନ ପାଇଁ ଥାନା ଅଧିକାରୀଙ୍କ ନିକଟରେ ଜାନକୀ ପ୍ରାର୍ଥନା କରିଛନ୍ତି। ଅଭିଯୋଗ ପାଇବା ପରେ ଥାନାରେ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ଆଜି ଡେରାବିଶ ବ୍ଲକ ପ୍ରାଣୀଧନ ଚିକିତ୍ସକ ଦିଲ୍ଲୀପ ସେଠୀ ମୃତ ଛେଳିଙ୍କୁ ବ୍ୟବଚ୍ଛେଦ କରାଇଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପଦକ୍ଷେପ ନିଆଯିବ ବୋଲି ଥାନା ଅଧିକାରୀ ପଦ୍ମାଳୟା ପ୍ରଧାନ କହିଛନ୍ତି।

# ଦୁହୁରିଆ ଓଭରବ୍ରିଜରୁ ତଳକୁ ଖସିପଡ଼ିଲା ଟ୍ରକ୍



କେନ୍ଦ୍ରାପଡ଼ା, ୩୦।୪(ସମିସ): ଦୁହୁରିଆରେ ଘଟିଯାଇଛି ଏକ ଭୟଙ୍କର ଦୁର୍ଘଟଣା। ଏକ କୋଇଲା ବୋଝେଇ ଟ୍ରକ୍ ଓଭରବ୍ରିଜର ଗୋଟିଏ ସାଇଡରେ ଝୁଲି ରହିଥିଲା। ଟ୍ରକ୍‌ଟି ବୁଧବାର ବିଳମ୍ବିତ ରାତିରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସ୍ଥାନୀୟ ଲୋକେ ସକାଳୁ ଦେଖି ଆହତ ଡ୍ରାଇଭରକୁ କେନ୍ଦ୍ରାପଡ଼ା ମେଡିକାଲକୁ ନେଇଥିଲେ।

# ଆଜିଠୁ ପର୍ଯ୍ୟଟକଙ୍କ ପାଇଁ ୩ ମାସ ଭିତରକନିକା ବନ୍ଦ

ରାଜନଗର, ୩୦।୪(ସମିସ): ଭିତରକନିକା ଜାତୀୟ ଉଦ୍ୟାନ ଆସନ୍ତାକାଲିଠାରୁ ଜୁଲାଇ ୩୧ ଯାଏ ଦୀର୍ଘ ୩ ମାସ ଧରି ଦେଶ ବିଦେଶର ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିବ। ଭିତରକନିକା ଜାତୀୟ ଉଦ୍ୟାନ ବଉଳା କୁମ୍ଭୀରଙ୍କ ଶ୍ରେଷ୍ଠ ପ୍ରଜନନସ୍ଥଳୀ ଭାବେ ପ୍ରସିଦ୍ଧି ଲାଭ କରିଛି। ମେ'ରୁ ଜୁଲାଇ ପର୍ଯ୍ୟନ୍ତ ବିରଳ ବଉଳା କୁମ୍ଭୀରଙ୍କ ପ୍ରଜନନ ସମୟରେ ପର୍ଯ୍ୟଟକଙ୍କ ପାଇଁ ଭିତରକନିକା ବନ୍ଦ ରହିବ। ଏହି ସମୟରେ ବଉଳା କୁମ୍ଭୀର ଅଣ୍ଡା ଦେବାକୁ ନିରାପଦ ସ୍ଥାନ ଠାବ କରି ବସା କରି ଅଣ୍ଡା ଦେଇଥା'ନ୍ତି। ଜୁଆର ମାଡୁ ନ ଥିବା ସ୍ଥାନ ଅର୍ଥାତ ସ୍ଥଳଭାଗରେ କୁମ୍ଭୀର ବସା କରି ଅଣ୍ଡା ଦେଇଥାଏ। ଏହି ସମୟରେ ମାଆ କୁମ୍ଭୀର ଅଧିକ ହିଂସ୍ର ହୋଇଥା'ନ୍ତି। ବଉଳା କୁମ୍ଭୀର ପର୍ଯ୍ୟଟକଙ୍କୁ ଆକ୍ରମଣ କରିବାର ଆଶଙ୍କା ଥିବାରୁ ଭିତରକନିକା ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରଖାଯିବ ବୋଲି ଡିଏଫଓ ଭରଦରାଜ ଗାଓଁକର ସୂଚନା ଦେଇଛନ୍ତି।

# ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ରାଜନଗର, ୩୦।୪(ସମିସ): ରାଜନଗର ବ୍ଲକ ନିମ୍ନମାଧ୍ୟମିକ ଶିକ୍ଷକ ସଂଘ ପକ୍ଷରୁ ସାନବଡ଼ ଗୋପାଳପୁରସ୍ଥ ବୀଣାପାଣି ନୋଡ଼ାଲ ଉପ୍ରା ବିଦ୍ୟାଳୟରେ ୪ ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ଶିକ୍ଷାବିତ ବିଜୟ ଜେନାଙ୍କ ପୌରୋହିତରେ ଅନୁଷ୍ଠିତ ସଭାରେ ଅବସର ନେଇଥିବା ଏବିଓ ଭକ୍ତିଲତା ବାରିକ, ପ୍ରଧାନଶିକ୍ଷକ ଅକ୍ଷୟ ପାତ୍ର, ଚନ୍ଦ୍ରକାନ୍ତ ଧଳ, ଦୟାନିଧି ସ୍ୱାଇଁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଶିକ୍ଷକ ଚିତ୍ତରଞ୍ଜନ ସାହୁ, ପ୍ରଶାନ୍ତ ପ୍ରଧାନ, ବୀରକିଶୋର ଜେନା, ଦାମୋଦର ସ୍ୱାଇଁ, ସୌଦାଗର ଜେନା, ହେମନ୍ତ ବାରିକ, ସୁଧାକର ପଣ୍ଡା, କୁଞ୍ଜବିହାରୀ ସାହାଣୀ, ମନୋଜ ଜେନା, ହିମାଂଶୁ ରାଉତରାୟ, ପ୍ରଭାକର ରାଉତ, ବ୍ରଜବନ୍ଧୁ ପ୍ରଧାନ, ନିହାର ବେହେରା, କପିଳ ମାହୁନ୍ତ, ସୌଦାମିନୀ ପ୍ରଧାନ, ରାଜଲକ୍ଷ୍ମୀ ସ୍ୱାଇଁ, ଅଖିଳ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ବିଶ୍ୱଶାନ୍ତି ମହାଯଜ୍ଞ ଓ ସ୍ୱାସ୍ଥ୍ୟସେବା ଶିବିର

ରାଜନଗର, ୩୦।୪(ସମିସ): ବନ୍ଧପଡ଼ା ପଞ୍ଚାୟତର ଦାଣ୍ଡି ଗ୍ରାମରେ ପାଞ୍ଚଦିନ ବ୍ୟାପି ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ମା' କଣସରାଙ୍କ ପ୍ରାଙ୍ଗଣରେ ଅନୁଷ୍ଠିତ ଯଜ୍ଞର ଚତୁର୍ଥ ଦିବସରେ ଯଜ୍ଞ କମିଟି ପକ୍ଷରୁ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର ଆୟୋଜିତ ହୋଇଥିଲା। ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଶିଶୁରୋଗ ବିଶେଷଜ୍ଞ ଡା. ରଶ୍ମିରଞ୍ଜନ ମହାନ୍ତି, ପ୍ରସୂତୀ ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ଡା. ରୁଦ୍ରପ୍ରସନ୍ନ ରାୟ, ଚକ୍ଷୁରୋଗ ବିଶେଷଜ୍ଞ ଡା. ଟି.ଟି. ମିଶ୍ର, ଦନ୍ତରୋଗ ବିଶେଷଜ୍ଞ ଡା. ନୀଳାଦ୍ରି ପଣ୍ଡା, ଡା.



ମନୋରଞ୍ଜନ ନାଥ ଓ ସମ୍ ହସ୍ପିଟାଲର ସର୍ଜରୀ ବିଭାଗର ଡା. ଆଲୋକ ମହାନ୍ତି ଯୋଗ ଦେଇ ଗ୍ରାମାଞ୍ଚଳରୁ ଆସିଥିବା ୨୫୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହି ପରାମର୍ଶ ଓ ଔଷଧ ପ୍ରଦାନ କରିଥିଲେ। ସମ୍ପଦ ସ୍ୱାଇଁ, ଅମରେନ୍ଦ୍ର ମହାନ୍ତି, ଯୀଶୁଖ୍ରୀଷ୍ଟ ରାଉତ ସହାୟତା କରିଥିଲେ। କାର୍ଯ୍ୟକ୍ରମକୁ ବନପାଳ ବିଜୟ ପାତ୍ର, ଗୁରୁଚରଣ ବରାଳ, ଗାଳ୍ପିକ ପ୍ରଦୀପ ନାୟକ, ଅମର ଜେନା, ସୁଧୀର ବେହୁରା, ସୁବାସ ଜେନା, ସତ୍ୟନାରାୟଣ ନାୟକ, ଜ୍ଞାନରଞ୍ଜନ ନାୟକ, ଆଶା କର୍ମୀ ନଳିନୀପ୍ରଭା ରାଉତ, ଅମୂଲ୍ୟ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

କାମ ଦେଲାନି ସଚିବଙ୍କ ନିର୍ଦ୍ଦେଶ

# ପୁଣି ଲୋକେ ଭୋଗିବେ ନଦୀବନ୍ଧ ଦୁର୍ଦ୍ଦଶା

ମହାକାଳପଡ଼ା, ୩୦।୪(ସମିସ)



ମରଣଯନ୍ତା ପାଲଟିଥିବା ନଦୀବନ୍ଧ ରାସ୍ତା ସମସ୍ୟାର ସମାଧାନ ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ସଚିବ। ନିର୍ଦ୍ଦେଶର ଚାରିମାସ ପରେ ବି ପ୍ରଶାସନ ପକ୍ଷରୁ କୌଣସି ତତ୍ପରତା ଦେଖିବାକୁ ମିଳିନି। ଆଗକୁ ବର୍ଷାଦିନ ଆସୁଥିବାରୁ ପୁଣି ନଦୀବନ୍ଧକୁ ନେଇ ଲୋକଙ୍କ ମନରେ ଛନକା ପଶିଛି।

ସୂଚନା ମୁତାବକ, ମହାକାଳପଡ଼ା ବ୍ଲକ ତେରଗାଁ ପଞ୍ଚାୟତର ତେରଗାଁ ଘାଟ ଖୋଳାଠାରୁ ଘୋଡ଼ା ବନ୍ଧ ପର୍ଯ୍ୟନ୍ତ ପାଖାପାଖି ୨ କିଲୋମିଟର ନଦୀବନ୍ଧ ରାସ୍ତା ଅତ୍ୟନ୍ତ ବିପର୍ଯ୍ୟସ୍ତ ହୋଇପଡ଼ିଛି। ପଞ୍ଚାୟତର ପଟଣା, ବାଲିସାହି, ସାନ ତେରଗାଁ, ବଡ଼ ତେରଗାଁ, ଘୋଡ଼ା ବନ୍ଧ ଆଦି ୫ ଗ୍ରାମର ପାଖାପାଖି ୨୫୦୦ ଲୋକ ଏହି ରାସ୍ତା ପାଇଁ ପ୍ରତିବର୍ଷ ହନ୍ତସନ୍ତ ହେଉଛନ୍ତି। ପଟଣା ପ୍ରାଥମିକ ସ୍କୁଲ, ତେରଗାଁ ନୋଡାଲ ଉଚ୍ଚପ୍ରାଥମିକ ବିଦ୍ୟାଳୟ ଓ ଘୋଡ଼ାବନ୍ଧ ପ୍ରାଥମିକ ବିଦ୍ୟାଳୟ ଭଳି ୩ଟି ବିଦ୍ୟାଳୟର ପାଖାପାଖି ୧୦୦୦ ଛାତ୍ରଛାତ୍ରୀ ବର୍ଷାଦିନେ ଏହି ରାସ୍ତା ପାଇଁ ସମସ୍ୟା ଭୋଗୁଛନ୍ତି। ରାସ୍ତାର ଅବସ୍ଥା ଏମିତି ହେଉଛି ଯେ ଯାନବାହାନ ଚାଲିବା ତ ଦୂରର କଥା, ପାଦ ଥୋଇବାକୁ ବି ଡର ଲାଗୁଛି। ପ୍ରତିବର୍ଷ ଲୋକେ ହନ୍ତସନ୍ତ ହେଉଥିବାବେଳେ ବିଭାଗୀୟ ଅଧିକାରୀଙ୍କ ଉପରେ କିନ୍ତୁ କିଛି ପ୍ରଭାବ ପଡୁନି। ଘଟଣା ସମ୍ପର୍କରେ ଅନେକ ସଚେତନ ନାଗରିକ ସ୍ୱର ଉଠାଇଥିଲେ। ଏ ସମ୍ପର୍କିତ ଏକ ଖବର ୨୦୨୫ ଜୁଲାଇ ୨୮ ତାରିଖରେ 'ସକାଳ'ରେ ପ୍ରକାଶ ପାଇବା ପରେ ପ୍ରଶାସନ ଚିହିଁକି ଉଠିଥିଲା। ତରବରିଆ ଭାବେ ବଜୁରି ଗୁଣ୍ଡ ଛିଞ୍ଚି କାମ ସାରି ଦେଇଥିଲା। ପ୍ରକାଶିତ ଖବରକୁ ପଞ୍ଚାୟତର ସୁବ୍ରତ ସେଠୀ ଡିସେମ୍ବର ୪ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ମେଲ୍ ଯୋଗେ ଅଭିଯୋଗ କରିବା ପରେ ଡିସେମ୍ବର ୧୮ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସଚିବ ରାସ୍ତା ସମସ୍ୟାର ସମାଧାନ ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ୪ ମାସ ପରେ ବି ଫଳ ଶୂନ। ଖରାଯାଇ ପୁଣି ବର୍ଷା ଆସିଲାଣି ହେଲେ ବିଭାଗ ତରଫରୁ କିଛି କାର୍ଯ୍ୟ ହେଲାନି। ଏହି ନଦୀବନ୍ଧକୁ ନେଇ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଛି।

# ପଟ୍ଟାମୁଣ୍ଡାଇ ଉର୍ଦ୍ଦୁ ପ୍ରାଥମିକ ବିଦ୍ୟାଳୟରେ ଅବସରକାଳୀନ ସଭା



ପଟ୍ଟାମୁଣ୍ଡାଇ, ୩୦।୪(ସମିସ): ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ୧୧ନଂ ୱାର୍ଡରେ ଥିବା ପଟ୍ଟାମୁଣ୍ଡାଇ ସରକାରୀ ଉର୍ଦ୍ଦୁ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁମିତ୍ରାରାଣୀ ଦାସ ଓ ସହକାରୀ ଶିକ୍ଷୟିତ୍ରୀ ସୁଚିତ୍ରା ଗୁପ୍ତା ଅବସର ଗ୍ରହଣ କରିଥିବାରୁ ସେମାନଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବିଦ୍ୟାଳୟ ପରିସରରେ ସିଆରସିସି ମଳୟ ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ପଟ୍ଟାମୁଣ୍ଡାଇ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଊର୍ମିଳା ଜେନା ମୁଖ୍ୟଅତିଥି, ବିଆରସିସି ପ୍ରେମବାଳା ମହାପାତ୍ର ମୁଖ୍ୟବକ୍ତା, ସିଆରସିସି ସଂଘମିତ୍ରା ନାୟକ, ବିଭୁରଞ୍ଜନ ସାହୁ, ଲକ୍ଷ୍ମଣ ସେଠୀ, ଅଜୟ ଦାସ, କାଉନସିଲର ସାନିଆ ପରବିନ, ପୂର୍ବତନ କାଉନସିଲର ସେକ ଅମରୁଲ, ବିଇଓ ଅଫିସ ମୁଖ୍ୟ କିରାଣି ହିମାଂଶୁ ବେହୁରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦାୟୀ ଶିକ୍ଷୟିତ୍ରୀଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରିବା ସହିତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହି ସଭାରେ ବରିଷ୍ଠ ଶିକ୍ଷାବିତ ଶେଖ ସାରାତୁଲ୍ଲା, ମୋ ସ୍କୁଲ ସଭାପତି ଶେଖ ହାଫିଜୁଲ୍ଲା, ଶେଖ ଜାକିର ହୁସେନ, ଶେଖ ଚମନ ଅଲ୍ଲୀ, ଶେଖ ଅନୁଆର ଅଲ୍ଲୀ ପ୍ରମୁଖ ଯୋଗ ଦେଇଥିଲେ। ସ୍କୁଲ କମିଟି ସଭାପତି ସଞ୍ଜିଦା ପରବିନ, ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟୁଲତା ନାୟକ, ସହକାରୀ ଶିକ୍ଷୟିତ୍ରୀ ଆଫ୍ରିନ ପରବିନ ପ୍ରମୁଖ ପରିଚାଳନା କରିଥିଲେ।

